# 'ଡାଟୁମ୍' ନିର୍ଦ୍ଦେଶକ ଦମ୍ପତି ଗିରଫ

- ରାଜ୍ୟ, ବାହାରେ ଖୋଲିଥିଲେ ବ୍ରାଞ୍ଚ୍ ଅଫିସ୍
- ୫୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଠକେଇ ଅଭିଯୋଗ
- ଆଇଆଇସିଙ୍କୁ ଘେରିଲେ ଏଜେଣ୍ଟ, ଜମାକାରୀ

ବ୍ରହ୍ମପୁର ଅଫିସ୍,୬।୧୧

ସାଧାରଣ ଲୋକଙ୍କଠାରୁ କୋଟି କୋଟି ଟଙ୍କା ହଡପ କରି ଫେରାର୍ ହୋଇଥିବା ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା ଡାଟୁମ୍ ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ବ୍ରଜ ମୋହନ ପଟ୍ଟନାୟକ ଏବଂ ତାଙ୍କ ସ୍ତ୍ରୀ ତଥା ଅନ୍ୟତମ ନିର୍ଦ୍ଦେଶିକା ତ୍ରିଧାରା ମହାନ୍ତିଙ୍କୁ ଭୁବନେଶ୍ୱରରୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି।

ପ୍ରକାଶ ଯେ, ଗୋଳନ୍ଥରା ଥାନା କନିଷ୍ଠି ନିକଟସ୍ଥ ଗୁଣ୍ଡିଚା ନଗରରେ ୨୦୦୬ରୁ ଡାଟୁମ୍ ନାମକ ଏକ କାର୍ଯ୍ୟାଳୟ ଖୋଲି ବିଭିନ୍ନ ସ୍କିମ୍ ମାଧ୍ୟମରେ ଅର୍ଥ ଦୁଇଗୁଣ କରିବା ପ୍ରଲୋଭନ ଦେଖାଇ ରାଜ୍ୟ ଏବଂ ବାହାରୁ ଲୋକଙ୍କର କୋଟି କୋଟି ଟଙ୍କା ହଡପ କରିବା ପରେ ଉଭୟେ ଫେରାର ହୋଇଯାଇଥିଲେ। ଏହି କମ୍ପାନୀ ନାମରେ ପୂର୍ବରୁ ୨୦୧୬, ଅଗଷ୍ଟ ୨୧ରେ ଗୋଳନ୍ଥରା ଥାନାରେ ଅଭିଯୋଗ ହେବା ପରେ ପୋଲିସ ନଂ. ୧୨୨/୧୬ରେ ଏକ ମାମଲା ରୁଜୁ କରିଥିଲା। କନିଷ୍ଠି ସ୍ଥିତ କାର୍ଯ୍ୟାଳୟକୁ ସିଲ୍ କରିବା ସହିତ କମ୍ପାନୀ ନାମରେ ଏସବିଆଇର ପରେ କନିଷ୍ଠି ଶାଖାରେ ଥିବା ୪୦ ଲକ୍ଷ ଟଙ୍କା ବିଶିଷ୍ଟ ଆକାଉଣ୍ଟକୁ ଅଚଳ କରି ଦିଆଯାଇଥିଲା। ଏ ସଂକ୍ରାନ୍ତରେ ଦୁଇ ସହଯୋଗୀ ବିଜୟ ମହାପାତ୍ର ଏବଂ ସିଏଚ୍. ତ୍ରିପତି ବାଲାଜୀ ପାତ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ପୋଲିସ ସମ୍ପୃକ୍ତ ଚିଟ୍‌ଫଣ୍ଡ କମ୍ପାନୀ ମାଲିକଙ୍କୁ ଖୋଜୁଥିବା ବେଳେ ଅକ୍ଟୋବର ୫ ତାରିଖରେ ନଂ. ୨୦୨/୧୮ରେ ଗୋଳନ୍ଥରା ଥାନାରେ ଆଉ ଏକ ମାମଲା ରୁଜୁ କରାଯାଇଥିଲା। କମ୍ପାନୀ ପରିଚାଳନା ନିର୍ଦ୍ଦେଶକ ଦମ୍ପତିଙ୍କୁ ଗିରଫ କରିବା ଲାଗି ଅତିରିକ୍ତ ଏସ୍‌ପି ଶାନ୍ତନୁ ଦାସ, ସଦର ଏସ୍‌ଡିପିଓ ଅଶୋକ କୁମାର ମହାନ୍ତି, ଡିଆଇବି ଡିଏସ୍‌ପି ଅଜୟ କୁମାର ମିଶ୍ର ଏବଂ ଗୋଳନ୍ଥରା ଆଇଆଇସି ଆଲୋକ ଜେନାଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଉଭୟଙ୍କ ଫୋନ୍ କଲ୍ ଟ୍ରାକ୍ କରାଯାଇ ସୋମବାର ଅପରାହ୍ନରେ ପୋଲିସ ଗିରଫ କରିଥିବା ଜଣାଯାଇଛି। ତେବେ ଉଭୟଙ୍କୁ ୩ ଦିନିଆ ରିମାଣ୍ଡରେ ଗୋଳନ୍ଥରା ପୋଲିସ ନେଇଛି। ପରେ କମ୍ପାନୀର ଅର୍ଥନୈତିକ କାରବାର, ସ୍ଥାବର ଅସ୍ଥାବର ସମ୍ପତ୍ତି, ଲୋକଙ୍କ ଅର୍ଥ ଲଗାଣ ଟଙ୍କା ସମ୍ପର୍କରେ ତଥ୍ୟ ଜଣାପଡିବ ବୋଲି କୁହାଯାଇଛି। ସେହିପରି ବେଆଇନ ସମ୍ପତ୍ତି ସହିତ ସମ୍ପୃକ୍ତ ଥିବା ଏଜେଣ୍ଟ ଏବଂ ସହଯୋଗୀଙ୍କ ସମ୍ପର୍କରେ ତଥ୍ୟ ବାହାର କରାଯିବ ବୋଲି ସୂଚନା ଦିଆଯାଇଛି। ସେହିପରି ଅର୍ଥନୈତିକ ଅପରାଧ ଶାଖା ନିୟମ ଓ ନିର୍ଦ୍ଦେଶନାମା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା କମ୍ପାନୀରେ ୧୫୫୮ ଜମାକାରୀ ପ୍ରାୟ ୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ନିବେଶ କରିଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, ୨୦୦୬ରେ ବ୍ରଜ ମୋହନ ପ୍ରଥମ କରି ବ୍ରହ୍ମପୁର ସହରରେ ଏକ ଗ୍ରୋସେରୀ ଦୋକାନ ଖୋଲିଥିଲେ। ସେଠାରେ ଡାଟୁମ୍ ନାମକ ଏକ ପ୍ଲାଷ୍ଟିକ୍ କାର୍ଡ କରି ନିଜର ସ୍କିମ୍ ଆରମ୍ଭ କରିଥିଲେ। ଡ୍ରିମ୍ କାର୍ଡ ଏବଂ ଡ୍ରେଜଲ୍ କାର୍ଡ ଭଳି ଦୁଇଟି କାର୍ଡ ପ୍ରଥା ଆରମ୍ଭ କରିଥିଲେ। ୩୦୦ ଟଙ୍କା ପୈଠ କରି ଗ୍ରାହକମାନେ ଡାଟୁମ୍‌ର ସଦସ୍ୟ ହେବା ପରେ ଗ୍ରୋସେରୀ ଦୋକାନର ବିଭିନ୍ନ ସାମଗ୍ରୀ କିଣିବାର ବନ୍ଦୋବସ୍ତ କରିଥିଲେ। କାର୍ଡ ଧାରୀମାନଙ୍କ ପାଇଁ ସ୍ୱତନ୍ତ୍ର ରିହାତି ଏବଂ ଉପହାର କମ୍ପାନୀ ପକ୍ଷରୁ ଦିଆଯାଉଥିବାରୁ କ୍ରମେ ସଦସ୍ୟ ସଂଖ୍ୟା ବୃଦ୍ଧି ପାଇଥିଲା। ପରବର୍ତ୍ତୀ ସମୟରେ ବ୍ରଜ ମୋହନ ୧୯୫୬ ଆକ୍ଟ ପ୍ରକାରେ କମ୍ପାନୀ ପଞ୍ଜୀକରଣ ଆର୍‌ଓସି କରିଥିଲେ। ପରେ ପରେ ସ୍କିମ୍‌ରେ ପରିବର୍ତ୍ତନ ଆଣି ୧୧୯୮ ଟଙ୍କା, ୧୫୫୮ ଟଙ୍କା, ୪୯୭୮ଟଙ୍କା, ୨୦୦୦ ଟଙ୍କା, ୯୯୭୮ ଟଙ୍କା, ୩୦୦୦ ଟଙ୍କା ଭଳି ଆଦି ସ୍କିମ୍ କରି ଜମାକାରୀଙ୍କଠାରୁ ଟଙ୍କା ଆଦାୟ କରି ସେମାନଙ୍କୁ ୨ ବର୍ଷ ୭ ମାସ ଏବଂ ୩ ବର୍ଷ ୧୧ ମାସରେ ସେମାନଙ୍କ ମ୍ୟାଚୁରିଟି ଅର୍ଥ ଫେରସ୍ତ କରାଯିବା ପାଇଁ କମ୍ପାନୀ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। କମ୍ପାନୀ ଲୋକଙ୍କ ଦ୍ୱାରା ଜମା ଟଙ୍କାକୁ ଏସବିଆଇ କିଓସ୍କ, ଫାଇନାନ୍ସିଆଲ୍ ଇନ୍‌ଭେଷ୍ଟମେଣ୍ଟ ସ୍କିମ୍, ଫିସ୍ ଫିଡ୍, ଅଏଲ୍ ଆଣ୍ଡ କ୍ୟାମିକାଲ୍‌ସ ପରି ବିଭିନ୍ନ ସେକ୍ଟରରେ ବିନିଯୋଗ କରାଯାଇ ସେଠାରୁ ଅର୍ଜିତ ଲାଭାଂଶକୁ ଲୋକଙ୍କୁ ଦିଆଯାଉଛି ବୋଲି ବ୍ରଜମୋହନ ପ୍ରଲୋଭନ ଦେଖାଇଥିଲେ। ଜମାକାରୀମାନେ ଦୁଇ ଗୁଣ ଅର୍ଥ ଲାଳସାରେ ଟଙ୍କା ଜମା କରୁଥିବା ବେଳେ ମ୍ୟାଚୁରିଟି ସମୟରେ ଡାଟୁମ୍ କମ୍ପାନୀର କୌଣସି କର୍ତ୍ତୃପକ୍ଷଙ୍କୁ ପାଇ ନ ଥିଲେ। ମ୍ୟାଚୁରିଟି ଅର୍ଥ ପାଇଁ ଲୋକେ କନିଷ୍ଠି ଅଫିସକୁ ଯାଇଥିବା ବେଳେ କମ୍ପାନୀ ନିର୍ଦ୍ଦେଶକ ଦମ୍ପତି କେଉଁଆଡେ ଫେରାର ହୋଇ ଯାଇଥିଲେ। ପରବର୍ତ୍ତୀ ସମୟରେ ଗୋଳନ୍ଥରା ପୋଲିସ ଏକ ମାମଲା ରୁଜୁ କରି କନିଷ୍ଠି ସ୍ଥିତ ଅଫିସକୁ ସିଲ୍ କରିଦେଇଥିଲା। ୨୦୦୬ ରୁ ଲୋକଙ୍କ ଟଙ୍କା ଲୁଟ୍ କରି ଚାଲୁଥିବା ବେଳେ ହଠାତ୍ ୨୦୧୦ ରୁ କମ୍ପାନୀ ପକ୍ଷରୁ ମ୍ୟାଚୁରିଟି ଅର୍ଥ ଦେବା ବନ୍ଦକରି ଦିଆଯାଇଥିଲା। ଫଳରେ ବହୁ ଏଜେଣ୍ଟଙ୍କୁ ଲୋକଙ୍କ ଆକ୍ରୋଶର ଶିକାର ହେବାକୁ ପଡିଥିଲା। ପରବର୍ତ୍ତୀ ସମୟରେ ଏଜେଣ୍ଟ ଓ ଜମାକାରୀମାନେ ମେଳି ବାନ୍ଧି ସମୁହ କନିଷ୍ଠି ସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ଆନ୍ଦୋଳନ କରିବା ପରେ ଥାନାର ଦ୍ୱାରସ୍ଥ ହୋଇଥିଲେ। ସୋମବାର ଅପରାହ୍ନରୁ ନିର୍ଦ୍ଦେଶକ ଦମ୍ପତି ଗିରଫ ହେବା ଖବର ପ୍ରଚାରିତ ହେବା ପରେ ଏଜେଣ୍ଟ ଓ ଜମାକାରୀମାନେ ପୁଣି ମେଳି ବାନ୍ଧିଥିଲେ। ଶତାଧିକ ଜମାକାରୀ ଏବଂ ଏଜେଣ୍ଟ ନିଜର କାଗଜାତ ଧରି ଗୋଳନ୍ଥରା ଥାନାକୁ ଯାଇ ହୋହଲ୍ଲା କରିଥିଲେ। ନିଜର ଅର୍ଥ ଫେରସ୍ତ କରିବା ଲାଗି ଜିଦ୍ ଧରି ବସିଥିଲେ। ପରେ ଥାନାଧିକାରୀଙ୍କଠାରୁ ରିମାଣ୍ଡରେ ଆଣି ଟଙ୍କା ଫେରସ୍ତ କରାଯିବାର ବନ୍ଦୋବସ୍ତ କରାଯିବାର ପ୍ରତିଶ୍ରୁତି ମିଳିବା ପରେ ଲୋକେ ଆନ୍ଦୋଳନରୁ ହଟିଥିଲେ।


ଗିରଫ ନିର୍ଦ୍ଦେଶିକା ତ୍ରିଧାରା ମହାନ୍ତି ଏବଂ ପରିଚାଳନା ନିର୍ଦ୍ଦେଶକ ବ୍ରଜମୋହନ ପଟ୍ଟନାୟକ।

## ସଂକ୍ଷେପରେ

### ବୃଦ୍ଧ ଦମ୍ପତିଙ୍କୁ ଠକେଇ ମାମଲା, ୪ ଗିରଫ



ବ୍ରହ୍ମପୁର ଅଫିସ୍,୬।୧୧: ଏକ ବୃଦ୍ଧ ଦମ୍ପତିଙ୍କୁ ନକଲି ଜମି ବିକ୍ରିକରି ଠକେଇ କରିବା ଅଭିଯୋଗରେ ବୈଦ୍ୟନାଥପୁର ପୋଲିସ ଚାରି ଜଣଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ପରମାନନ୍ଦ ବେହେରା, ଅଶୋକ ମହାପାତ୍ର, ରମେଶ ପାତ୍ର ଏବଂ ଗୋପାଳକୃଷ୍ଣ ପଣ୍ଡା। ପ୍ରକାଶଯେ, ଅଭିଯୁକ୍ତମାନେ ୨୦୧୩ରେ ସୁବାରାଓ ଛକରେ ଫ୍ୟୁଚର୍ ଇନ୍‌ଫ୍ରା ଲିମିଟେଡ୍ ନାମକ ଏକ ଜମି କିଣା ବିକା ଏଜେନ୍ସି କରିଥିଲେ। ସେତେବେଳେ ବାଞ୍ଛାନିଧି ନଗର ତୃତୀୟ ଲେନ୍‌ର ବୃଦ୍ଧ ଦମ୍ପତି ହେମଲତା ବେହେରା ଏବଂ ତାଙ୍କ ସ୍ୱାମୀ କାର୍ତ୍ତିକ ସେହି ଏଜେନ୍ସି ମାଧ୍ୟମରେ ଦୁଇଟି ପ୍ଲଟ କ୍ରୟ କରିବା ପାଇଁ ୧୬ ଲକ୍ଷ ଟଙ୍କା ଦେଇଥିଲେ। ପରବର୍ତ୍ତୀ ସମୟରେ ରେଜିଷ୍ଟ୍ରେଶନ୍ କରିବା ପାଇଁ ଦମ୍ପତି କହୁଥିବା ବେଳେ ଅଭିଯୁକ୍ତମାନେ ଧରାଛୁଆଁ ଦେଇ ନ ଥିଲେ। ତେବେ ବୃଦ୍ଧ ଦମ୍ପତି କ୍ରୟ କରିଥିବା ଦୁଇଟି ପ୍ଲଟ୍‌ର କାଗଜାତ ସବୁ ନ କଲି ଜାଣିବା ପରେ ବୈଦ୍ୟନାଥପୁର ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ପୋଲିସ ନଂ. ୨୪୨/୧୮ରେ ଏକ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଆଇଆଇସି ଜୟକୃଷ୍ଣ ପଟ୍ଟନାୟକ ସୂଚନା ଦେଇଛନ୍ତି।

### ଅଗ୍ନିକାଣ୍ଡ: ଜଳିଗଲା ଦୋକାନ, ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଭସ୍ମୀଭୂତ

ବ୍ରହ୍ମପୁର ଅଫିସ୍,୬।୧୧: ବ୍ରହ୍ମପୁର କମାପଲ୍ଲୀ ମୁଖ୍ୟରାସ୍ତା ପାର୍ଶ୍ୱରେ ଥିବା ଦୁଇଟି ଦୋକାନରେ ସୋମବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଭସ୍ମୀଭୂତ ହୋଇଯାଇଛି। ବ୍ରହ୍ମପୁର ଅଗ୍ନିଶମ ବିଭାଗ ଏଏଫଓ ସନାତନ ମହାପାତ୍ରଙ୍କ ତତ୍ତ୍ୱାବଧାନରେ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ସୁରେଶ ଚନ୍ଦ୍ର ରାଉଳଙ୍କ ପୂଜା ସାମଗ୍ରୀ ଦୋକାନ ଏବଂ ସୁନୀଲ କୁମାର ଦାସଙ୍କ ମା' ମଙ୍ଗଳା ଆସୋସିଏଟର ୩ଲକ୍ଷ ୮୦ ହଜାର ଟଙ୍କାର ସମ୍ପତ୍ତି ସମ୍ପୂର୍ଣ୍ଣ ଜଳି ପୋଡି ପାଉଁଶ ହୋଇଯାଇଥିବା ଅଗ୍ନିଶମ ବିଭାଗ ପକ୍ଷରୁ ଆକଳନ କରାଯାଇଥିବା ସୂଚନା ଦିଆଯାଇଛି। ଦୋକାନରେ ବିଦ୍ୟୁତ୍ ଶଟସର୍କିଟ୍‌ରୁ ନିଆଁ ଲାଗି ଯାଇଥିବା ବେଳେ ପୂଜା ସାମଗ୍ରୀ ଦୋକାନ ମଧ୍ୟରେ ଥିବା ବହୁ ପରିମାଣର ଘିଅ ସଂସ୍ପର୍ଶରେ ଆସି ନିଆଁ ବ୍ୟାପିଥିବା ଜଣାଯାଇଛି।



## ଜିଲାସ୍ତରୀୟ ହୋସଲା କାର୍ଯ୍ୟକ୍ରମ

ବ୍ରହ୍ମପୁର ଅଫିସ,୬।୧୧

ଗଞ୍ଜାମ ଜିଲାରେ ଥିବା ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସିନୀଙ୍କୁ ନେଇ ଜିଲାସ୍ତରୀୟ କାର୍ଯ୍ୟକ୍ରମ ହୋସଲା-୨୦୧୮ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ରହ୍ମପୁର ଷ୍ଟାଡିୟମରେ ଶିଶୁମାନଙ୍କ ଲମ୍ଫଡିଆଁ, ଉଚ୍ଚଡିଆଁ, ଦୌଡ ଓ ରିଲେ ଅନୁଷ୍ଠିତ ହେବା ବେଳେ ଉତ୍କଳ ବାଳାଶ୍ରମରେ ଚିତ୍ର, ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ପୁରସ୍କାର ବିତରଣ ଉତ୍ସବରେ ଅବସରପ୍ରାପ୍ତ ବିଚାର ବିଭାଗ ମୁଖ୍ୟ ତଥା ଶିଶୁ ମଙ୍ଗଳ କମିଟିର ପୂର୍ବତନ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଦାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଜାତୀୟ ସ୍ୱାସ୍ଥ୍ୟ ମିଶନର ଡିପିଏମ୍ ଶ୍ୟାମ ସୁନ୍ଦର ତ୍ରିପାଠୀ, ଗଞ୍ଜାମ ଜିଲାର ଶିଶୁ ସୁରକ୍ଷା ଅଧିକାରୀ ସୁବୋଧ କୁମାର ଷଡଙ୍ଗୀ, ଶିଶୁ କଲ୍ୟାଣ କମିଟି ସଦସ୍ୟ ହରିହର ପାଢୀ, କିଶୋର ନ୍ୟାୟ ବୋର୍ଡର ସଦସ୍ୟା ଭାରତୀ ପାଢୀ, ଚାଇଲ୍ଡ ଲାଇନ ନିର୍ଦ୍ଦେଶକ ସୁଧୀର ସାବତ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀମାନେ ୯ରେ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିଲା ଶିଶୁ ସୁରକ୍ଷା ୟୁନିଟର ସୁଶାନ୍ତ କୁମାର ସାହୁ, ଶିବ ପ୍ରସାଦ ରଥ, ସୁଦାମ ପାଣିଗ୍ରାହୀ ଓ କାମେଶ୍ୱର ପରିଡା ପରିଚାଳନା କରିଥିଲେ।

## ନୀଳକଣ୍ଠ ନଗରର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶ୍ରେଷ୍ଠ ବିଦ୍ୟାଳୟ ମନୋନୀତ


ପୁରସ୍କୃତ ହୋଇଥିବା ଛାତ୍ରୀଛାତ୍ର।

ବ୍ରହ୍ମପୁର ଅଫିସ,୬।୧୧

ଚଳିତବର୍ଷ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଫଳାଫଳରେ ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରାଜ୍ୟରେ ଶ୍ରେଷ୍ଠସ୍ଥାନ ଅଧିକାରୀ କରିଛି। ମଙ୍ଗଳବାର ଅପରାହ୍ନରେ ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ମୁଖ୍ୟମନ୍ତ୍ରୀ ଏହା ଘୋଷଣା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ଉଚ୍ଚ ଶିକ୍ଷାମନ୍ତ୍ରୀ ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ଜିଲା ଶିକ୍ଷାଧିକାରୀ ଡ. ସନାତନ ପଣ୍ଡା, ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଭାତୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ଏଭଳି ପୁରସ୍କାର ବ୍ୟବସ୍ଥା ସମ୍ବନ୍ଧରେ ଶିକ୍ଷାବର୍ଷ ଆରମ୍ଭରୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବାରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ପୁରସ୍କାର ସ୍ୱରୂପ ୧ ଲକ୍ଷ ଟଙ୍କା ପାଇବା ଲାଗି ବିବେଚିତ ହୋଇଥିବାରୁ ପରିଚାଳନା ସମିତି ସଦସ୍ୟମାନେ ପ୍ରଧାନାଚାର୍ଯ୍ୟ ଏସ୍. ମୋହନ ରାଓ ଓ ଶିଶୁମନ୍ଦିର ପ୍ରଧାନାଚାର୍ଯ୍ୟ ଉମାଧବ ମହାନ୍ତି ତଥା ଗୁରୁମାଗୁରୁଜୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହା ବ୍ୟତୀତ ବିଦ୍ୟାଳୟର ୫ ଜଣ ଛାତ୍ର ସୁଦାମ ଚରଣ ସାହୁ, ପୁରୁଷୋତ୍ତମ ସାହୁ, ସମୀର ପାଢୀ, ବଦ୍ରିନାରାୟଣ ପଣ୍ଡା ଓ ଶୁଭମ ନାୟକ ରାଜ୍ୟସ୍ତରୀୟ ଭାଷାବୃତ୍ତି ପୁରସ୍କାର ପାଇଥିବା ଘୋଷଣା କରାଯାଇଥିଲା। ସେହିପରି ବିଦ୍ୟାଳୟର ୧୧ଜଣ ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ ମେଧାବୃତ୍ତି ପୁରସ୍କାର ପାଇଥିବା ଘୋଷଣା କରାଯାଇଥିଲା। ସେହି ଛାତ୍ରୀଛାତ୍ରମାନେ ହେଲେ ଚେତନା ପାତ୍ର, ମୋନାଲୀ ପ୍ରିୟଦର୍ଶିନୀ ବେହେରା, ଜ୍ୟୋତି ରଞ୍ଜନ ନାୟକ, ଦେବାଶିଷ ସାହୁ, ଶୁଭମ ନାୟକ, ହିମାଂଶୁ ସେଠୀ, ରାଜକୁମାର ମହାରଣା, ସିତୁନ ରାଉଳ, ଶୁଭାଶିଷ ଦଳାଇ, ଦେବାଂଶୀ ପଟ୍ଟନାୟକ ଓ ଅଶୁଂମାନ ସାହୁ। ଉଭୟ ପ୍ରକାର ବୃତ୍ତିପାଇଁ ପ୍ରତ୍ୟେକ ଛାତ୍ରଛାତ୍ରୀ ୫ ହଜାର ଟଙ୍କା ଲେଖାଏ ନଗଦ ପୁରସ୍କାର ପାଇବେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଏଭଳି ସ୍ୱତନ୍ତ୍ର ପୁରସ୍କାର ହାସଲ କରିଥିବାରୁ ପରିଚାଳନା ସମିତି କର୍ମକର୍ତ୍ତା, ଛାତ୍ରଛାତ୍ରୀ ତଥା ଆଚାର୍ଯ୍ୟାଆଚାର୍ଯ୍ୟଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ମହାନଗର ପୁସ୍ତକମେଳା ୧୧ରୁ

ବ୍ରହ୍ମପୁର ଅଫିସ,୬।୧୧

ମହାନଗର ପୁସ୍ତକମେଳା ଆସନ୍ତା ୧୧ରୁ ଆରମ୍ଭ ହୋଇ ଏସ୍‌ଏସ୍‌ଭିଟି ପଡ଼ିଆରେ ଏହା ୧୦ ଦିନ ଧରି ଅନୁଷ୍ଠିତ ହେବ । ଏଥିପାଇଁ ମଙ୍ଗଳବାର ପ୍ରସ୍ତୁତି ବୈଠକ ହୋଇ ବିଭିନ୍ନ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି। ଆସନ୍ତା ୧୧ରେ ଜିଲାସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ କେସି ପବ୍ଲିକ ସ୍କୁଲ ରେ କରାଯିବ । ବିଦ୍ୟାର୍ଥୀ କେବଳ ଚିତ୍ରାଙ୍କନ, ସାଧାରଣ ଜ୍ଞାନ, ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାରେ ଭାଗ ନେବେ । ବୈଠକରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ସଦସ୍ୟ କବି ସୁଶାନ୍ତ ଦାସ ଅଧ୍ୟକ୍ଷତା କରିଥିଲେ। ମେଳା ଅବସରରେ ପ୍ରତ୍ୟହ ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ମେଲୋଡି, ନୃତ୍ୟ ସଂଗୀତ ସହ ସାହିତ୍ୟିକ ପ୍ରଶ୍ନୋତ୍ତରୀ ଆଦି ହେବାର ନିଷ୍ପତ୍ତି ନିଆଯାଇଛି। ବିଭିନ୍ନ ଆଲୋଚନାରେ ଉପସଭାପତି ନୀହାର ରଞ୍ଜନ ଦାସ, ସୁଦାମ ପାଣିଗ୍ରାହୀ, ସପ୍ତମିତା ମହାପାତ୍ର, ସତ୍ୟମ ଆଚାରୀ, ଦୀପ୍ତିମିତା ମହାପାତ୍ର, ସୁଧାଞ୍ଜଳି ଦାସ, ଅନିଲ ମହାନ୍ତି ଓ ନରେଶ ଆଚାରୀ ଓ ବାଲ୍ମୀକି ମହାପାତ୍ର ଭାଗ ନେଇଥିଲେ ।

## ମା' ଦକ୍ଷିଣକାଳୀ ପୀଠରେ ଶ୍ୟାମାକାଳୀ ପୂଜା, ଯଜ୍ଞ

ବ୍ରହ୍ମପୁର ଅଫିସ,୬।୧୧

ସ୍ଥାନୀୟ ଲାଞ୍ଜିପଲ୍ଲୀ ଜେଲ ରୋଡସ୍ଥ ମା' ଦକ୍ଷିଣକାଳିଙ୍କ ପୀଠରେ ମଙ୍ଗଳବାର ରାତିରୁ ଆରମ୍ଭ ହୋଇଛି ୫ ଦିନିଆ ଶ୍ୟାମାକାଳୀ ପୂଜା ଓ ଯଜ୍ଞ। ପୁରାଣ ବର୍ଣ୍ଣିତ କାଳୀ ମାତା ହିଁ ମହାକାଳୀ ଓ ତାଙ୍କର ଅନ୍ୟନାମ ଶ୍ୟାମାକାଳୀ। ରେଶମ ନଗରୀ ବ୍ରହ୍ମପୁରର ବିଜିପୁର ପୋଖରୀ ପାର୍ଶ୍ୱ, ନୂଆ ବସ୍‌ଷ୍ଟାଣ୍ଡ ନିକଟ ଓ ଅନ୍ୟ କାଳୀ ପୀଠଗୁଡିକରେ କାର୍ତ୍ତିକ ଅମାବାସ୍ୟା ତିଥି ମଙ୍ଗଳବାର ରାତି ୧୦ଟାରୁ ଆରମ୍ଭ ହୋଇଥିବାରୁ ସମସ୍ତ ପୀଠରେ ଶ୍ୟାମାକାଳୀ ପୂଜାର୍ଚ୍ଚନା ଆରମ୍ଭ ହୋଇଯାଇଥିଲା। ଜେଲରୋଡ କାଳୀ ମନ୍ଦିର ନିକଟରୁ ଅଞ୍ଚଳର ମହିଳା ଓ ପୁରୁଷମାନେ ବାଦ୍ୟବାଜଣା ସହ ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱସ୍ଥ ମାର୍କଣ୍ଡେଶ୍ୱର ପୋଖରୀକୁ ଯାଇଥିଲେ। ସେଠାରୁ ଜଳଯାତ୍ରାରେ ଆସି ଯଜ୍ଞସ୍ଥଳରେ ପହଞ୍ଚିଥିଲେ। ନିର୍ଦ୍ଧାରିତ ସମୟରେ କର୍ମାରମ୍ଭ ସହ ଦେବୀ ଆବାହନ, କଳସ ପୂଜା ଓ ଅଗ୍ନି ସଂସ୍କାର କରାଯାଇଥିଲା। ପଣ୍ଡିତ ଅକ୍ଷୟ କୁମାର ପାଢ଼ୀ ଯଜ୍ଞ ପରିଚାଳନାର ମୁଖ୍ୟ ପୁରୋଧା ହୋଇଥିବା ବେଳେ ଅନ୍ୟ ପୁରୋହିତମାନେ ସହଯୋଗ କରୁଛନ୍ତି। ବୁଧବାର ଚଣ୍ଡୀପାଠ, ସହସ୍ରାର୍ଚ୍ଚନ, ସ୍ତୁତିସ୍ତୋତ୍ର ପଠନ ଆଦି କରାଯିବାର କାର୍ଯ୍ୟକ୍ରମ ରହିଛି। ମନ୍ଦିର ପରିଚାଳନା ଓ ପୂଜା କମିଟି ମୁଖ୍ୟ ହେମନ୍ତ କୁମାର ସାବତ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିବା ସୂଚାଇଛନ୍ତି। ନରସିଂହ ବାଡ଼ତ୍ୟାଙ୍କ ସମେତ କମିଟି ସଦସ୍ୟମାନେ ସହଯୋଗ କରୁଛନ୍ତି। ଅପରପକ୍ଷରେ ୪୦ନଂ. ୱାର୍ଡ ଅନ୍ତର୍ଗତ ଆମ୍ବପୁଆ, ୨୪ନଂ. ୱାର୍ଡର ବିଜିପୁର ଓ ଅନ୍ୟ ଅଞ୍ଚଳରେ ଥିବା କାଳୀପୀଠରେ ମଧ ଶ୍ୟାମାକାଳୀ ପୂଜା ମଙ୍ଗଳବାର ରାତ୍ରରୁ ଆରମ୍ଭ ହୋଇଥିବାରୁ ଆଧାମିକ ବାତାବରଣ ସୃଷ୍ଟି ହୋଇଛି।


ଦକ୍ଷିଣକାଳୀ ପୀଠରେ ଶ୍ୟାମାକାଳୀ ପୂଜାରମ୍ଭ।

# ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବ 'ମୋନା'

ବ୍ରହ୍ମପୁର ଅଫିସ୍, ୬।୧୧

ସ୍ଥାନୀୟ ଭିଆଇପି କଲୋନୀସ୍ଥିତ ଶୁଭାଛି ଇଣ୍ଟରନ୍ୟାଶନାଲ୍ ପବ୍ଲିକ୍ ସ୍କୁଲରେ ମଙ୍ଗଳବାର ପୂର୍ବାହ୍ନରେ ମିଳିତ ଓଡିଶା ନିଶା ନିବାରଣ ଅଭିଯାନ (ମୋନା) ଗଞ୍ଜାମ ଜିଲା ଶାଖା ସଧାରଣ ସମ୍ପାଦକ ଗୁପ୍ତେଶ୍ୱର ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସଭାପତି ରାଧାଚରଣ ନାୟକ, ହରେକୃଷ୍ଣ ମିଶ୍ର, ଏସ୍.ପ୍ରକାଶ ଚନ୍ଦ୍ର ପାତ୍ର ଓ ସବିତା ସାହୁକାର ପ୍ରମୁଖ ମଞ୍ଚାସୀନ ଥିଲେ। ଦୀର୍ଘ ୬ ବର୍ଷ ଧରି ମୋନା ସମଗ୍ର ଓଡିଶାରେ ନିଶା ନିବାରଣ ଅଭିଯାନରେ ସଚେତନତା ସୃଷ୍ଟି କରୁଥିବା ବେଳେ ମଦ ପ୍ରସାର ବନ୍ଦ କରିବା ପାଇଁ ଆନ୍ଦୋଳନ କରି ଆସୁଥିବା ବେଳେ ସରକାର କୌଣସି କର୍ଣ୍ଣପାତ କରୁନାହାନ୍ତି ବୋଲି ଅଭିଯୋଗ ହୋଇଛି। ୨୦୧୯ରେ ସାଧାରଣ ନିର୍ବାଚନ ପାଇଁ କାର୍ଯ୍ୟକ୍ରମ ଚାଲିଥିବା ବେଳେ ସରକାରଙ୍କ ଉପରେ ନୈତିକତାର ଚାପ ସୃଷ୍ଟି କରିବା ପାଇଁ ଡିସେମ୍ବର ୨୭ ତାରିଖରୁ ୨୦୧୯ ଜାନୁୟାରୀ ୨୬ ତାରିଖ ଯାଏ ବିଭିନ୍ନ ସଂଗଠନ ଏବଂ ବୁଦ୍ଧିଜୀବୀଙ୍କୁ ନେଇ ୧ ମାସ ବ୍ୟାପୀ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ସୂଚନା ଦିଆଯାଇଛି। ଉକ୍ତ ଆନ୍ଦୋଳନକୁ ଜିଲା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ, ଲାୟନସ୍ କ୍ଲବ, ପତଞ୍ଜଳୀ ଯୁବ ସଂଗଠନ, ୱାକର୍‌ସ କ୍ଲବ୍, ମାନବ ଅଧିକାର ସୁରକ୍ଷା ମଞ୍ଚ, କଳିଙ୍ଗ ଗଣ ପରିଷଦ, ଗାୟତ୍ରୀ ପରିବାର, ଲାଫିଂ କ୍ଲବ୍ ଆଦି ସଂଗଠନ ପକ୍ଷରୁ ସମର୍ଥନ କରାଯିବ ବୋଲି ସୂଚନା ଦିଆଯାଇଛି। ଆସନ୍ତା ଜାନୁୟାରୀ ୨୬ ସୁଦ୍ଧା ମଦ ପରି ମାରାତ୍ମକ ପାନୀୟର ଉତ୍ପାଦନ ଏବଂ ବିକ୍ରୟ ସମ୍ପୂର୍ଣ୍ଣ ରୂପେ ବନ୍ଦ କରା ନ ଗଲେ ମୋନା ପକ୍ଷରୁ ସାରା ରାଜ୍ୟରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଚେତାବନୀ ଦିଆଯାଇଛି।


ମୋନା ପକ୍ଷରୁ ଖବରଦାତା ସମ୍ମିଳନୀରେ ନିଶା ନିବାରଣ ଆନ୍ଦୋଳନ ସମ୍ପର୍କରେ ସୂଚନା ଦିଆଯାଇଛି।

## ଆନ୍ତଃ କଲେଜ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଯାପିତ

# କମଳା, ସଙ୍ଗୀତା, ବିରୁପାକ୍ଷ ଚାମ୍ପିୟନ

ବ୍ରହ୍ମପୁର ଅଫିସ,୬।୧୧

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ପକ୍ଷରୁ ୫୧ତମ ଆନ୍ତଃ ମହାବିଦ୍ୟାଳୟ ଦୌଡକୁଦ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଖେଳ ପଡିଆରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ କୁଳପତି ପ୍ରଫେସର ରାଜେନ୍ଦ୍ର ପ୍ରସାଦ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ପିଜି କାଉନସିଲ ଚେୟାରମ୍ୟାନ ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକ, କୁଳସଚିବ ରଞ୍ଜନ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କ୍ରୀଡା ପରିଷଦ ସମ୍ପାଦକ ପ୍ରଫେସର ପ୍ରସନ୍ନ କୁମାର ଦୀକ୍ଷିତଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସହ ସମ୍ପାଦକ ରାଜେଶ ମଲ୍ଲିକ ଉଦ୍‌ଯାପନୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଦିବସରେ ଉଭୟ ପୁରୁଷ ଓ ମହିଳା ବର୍ଗରେ ୧୬ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପୁରୁଷ ବର୍ଗରେ ୧୦ହଜାର ମିଟର ଦୌଡ, ହାମର ଥ୍ରୋ, ଜାଭଲିନ ଥ୍ରୋ, ଟ୍ରିପଲ ଜମ୍ପ, ୪୦୦ ମିଟର ରିଲେ ଦୌଡ ଅନୁଷ୍ଠିତ ହୋଇଥିଲା। ଉଭୟ ପୁରୁଷ ଓ ମହିଳା ବର୍ଗରେ ୧୦୦, ୪୦୦, ୮୦୦, ୨୦୦ ମିଟର ଦୌଡ ପ୍ରମୁଖ ପ୍ରତିଯୋଗିତା ହୋଇଥିଲା। ସେଥିରୁ ମହିଳା ବର୍ଗରେ ୧୦୦, ୨୦୦, ୪୦୦, ୮୦୦ ମିଟର ଦୌଡରେ ପ୍ରଥମ ସ୍ଥାନ ଅଧିକାର କରି ନବରଙ୍ଗପୁର ମହିଳା ମହାବିଦ୍ୟାଳୟର କମଳା ମାଝି ଚାମ୍ପିୟନ ହୋଇଥିବା ବେଳେ ୧୦୦ ମିଟର ଦୌଡ, ଶଟପୁଟ ଥ୍ରୋ, ଜାଭଲିନ ଥ୍ରୋ, ଡିସ୍‌କସ ଥ୍ରୋରେ ପ୍ରଥମ ହୋଇ ବାଲିଗୁଡା ଆଦିବାସୀ କଲେଜର ସଙ୍ଗୀତା ମଲ୍ଲିକ ଚାମ୍ପିୟନ ହୋଇଛନ୍ତି। ସେହିପରି ପୁରୁଷ ବର୍ଗରେ ୧୦୦, ୨୦୦, ଲମ୍ଫଡିଆଁ, ଟ୍ରିପଲ ଜମ୍ପରେ ପ୍ରଥମ ହୋଇ ଆଦିବାସୀ କଲେଜ ବାଲିଗୁଡାର ବିରୂପାକ୍ଷ ଦିଗାଲ ଚାମ୍ପିୟନ ହୋଇଛନ୍ତି। ଏହି ଅବସରରେ ମହିଳା ବର୍ଗରେ ନବରଙ୍ଗପୁର ମହିଳା ମହାବିଦ୍ୟାଳୟ ଓ ପୁରୁଷ ବର୍ଗରେ ବ୍ରହ୍ମପୁର ସିଟି ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଗ୍ରୁପ ଚାମ୍ପିୟନ ଶିଲ୍ଡ ପ୍ରଦାନ କରାଯାଇଥିଲା। ଷ୍ଟୋର୍ସ ଅଫିସର ରବିଚରଣ ମିଶ୍ରଙ୍କ ସମେତ ବିଶ୍ୱବିଦ୍ୟାଳୟ ଓ ୩୮ କଲେଜରୁ ଆସିଥିବା ୭୦ରୁ ଊର୍ଦ୍ଧ୍ୱ ଅଫିସିଆଲ କ୍ରିଡା ପରିଚାଳନାରେ ସହଯୋଗ କରିଥିଲେ। ବିଜୟ କୁମାର ଅଧିକାରୀ, ଅଶୋକ କୁମାର ଖଣ୍ଡା, ଉପେନ୍ଦ୍ର ନାରାୟଣ ମହାପାତ୍ର, ରାଜ କିଶୋର ମହାପାତ୍ର, ଡ. ପଦ୍ମନାଭ ସାମନ୍ତ, ଡ. ସତ୍ୟବ୍ରତ ପାତ୍ର, ଡ. ରବୀନ୍ଦ୍ର ନାଥ ସାହୁ, ମନୋଜ କୁମାର ତ୍ରିପାଠୀ, ମନୋଜ କୁମାର ଶତପଥୀ, ବିକ୍ରମ କୁମାର ପରିଡା, ଡ. ଶଙ୍କର ମାଝି, ଡ. ସୁଦାମ ପଣ୍ଡା, ଏଚ.କେ. ପାମୁଲୁ ଓ ଦୁଷ୍ମନ୍ତ କୁମାର ପାଢୀ ପ୍ରମୁଖ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।



ମହିଳା ଓ ପୁରୁଷ ବର୍ଗରେ ଗ୍ରୁପ ଚାମ୍ପିୟନଙ୍କ ସହ ଅତିଥି ଓ କର୍ମକର୍ତ୍ତା ।

# ଗୋଟିଏ ପରିବାର ସଦସ୍ୟଙ୍କ ଭିନ୍ନ ଭିନ୍ନ ବୁଥରେ ନାମ

ବ୍ରହ୍ମପୁର ଅଫିସ,୬।୧୧

ବ୍ରହ୍ମପୁର ମହାନଗର ସନ୍ନିକଟ ସହରତଳି ଅଞ୍ଚଳ ଓ ଏହାର ପଶ୍ୱବର୍ତ୍ତୀ ପଞ୍ଚାୟତ ଅଞ୍ଚଳକୁ ବ୍ରହ୍ମପୁର ମହାନଗର ନଗର ନିଗମରେ ସାମିଲ କରାଯିବାରେ ଅବହେଳା ପ୍ରଦର୍ଶନ କରାଯାଉଛି। ଏବେ ସହରତଳି ଅଞ୍ଚଳବାସୀଙ୍କ ଭୋଟର ତାଲିକା ପ୍ରସ୍ତୁତିରେ ତ୍ରୁଟି ଥିବା ଅଭିଯୋଗ ହୋଇଛି । ସହରତଳି ଅଞ୍ଚଳରେ ବାସ କରୁଥିବା ଗୋଟିଏ ପରିବାରର ସଦସ୍ୟଙ୍କ ନାମ ଭିନ୍ନ ଭିନ୍ନ ବୁଥରେ ରହିଥିବା ନେଇ ଅଭିଯୋଗ ହୋଇଛି । ସହରତଳି ତଥା ପାର୍ଶ୍ୱବର୍ତ୍ତୀ ପଞ୍ଚାୟତର ନାଗରିକ ପ୍ରତିନିଧିଙ୍କୁ ନେଇ ଗଠିତ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏନେଇ ମଙ୍ଗଳବାର ବ୍ରହ୍ମପୁର ଉପଜିଲାପାଳ ଦିଗନ୍ତ ରାଉତରାୟଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ବୁଥ ସ୍ଥାପନ ନିମନ୍ତେ ନିର୍ବାଚନ କମିଶନଙ୍କ ମାର୍ଗଦର୍ଶିକାକୁ ଠିକ ଭାବେ ପାଳନ କରାଯାଇ ନ ଥିବା ଦାବିପତ୍ରରେ ଦର୍ଶାଯାଇଛି। ଉକ୍ତ ଅଞ୍ଚଳର ଭୋଟର ତାଲିକା ପ୍ରସ୍ତୁତିରେ



ଉପଜିଲାପାଳଙ୍କ ସହ କମିଟି ସଦସ୍ୟମାନେ ଆଲୋଚନା କରୁଛନ୍ତି ।

**ସହରତଳି ଅଞ୍ଚଳକୁ ଅଣଦେଖା**

- ଭୋଟର ତାଲିକାରେ ତ୍ରୁଟି
- ତ୍ରୁଟି ସୁଧାରିବାକୁ ମିଳିତ କ୍ରିୟାନୁଷ୍ଠାନ କମିଟିର ଦାବି

ହୋଇଥିବା ତ୍ରୁଟିକୁ ତୁରନ୍ତ ସୁଧାରିବା ସହ ପରିବାର ସଦସ୍ୟଙ୍କୁ ନିକଟସ୍ଥ ବୁଥ ନାମ ତାଲିକାରେ ଅନ୍ତର୍ଭୁକ୍ତ କରାଯିବା ସହ ଏକ ଠିକ ଓ ନିର୍ଭୁଲ ଭୋଟର ତାଲିକା ପ୍ରକାଶ କରାଯିବାକୁ ଦାବି କରାଯାଇଛି । ଦାବିପତ୍ର ପ୍ରଦାନ ବେଳେ କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ନାରାୟଣ ଚନ୍ଦ୍ର ପରିଚ୍ଛା, ଉପସଭାପତି ହରିହର ନାୟକ, ସଂଯୋଜକ କେ. ଭୀମାରାଓ, କାର୍ଯ୍ୟକାରୀ ସଦସ୍ୟ ବଂଶୀଧର ପାଢୀ, କାହ୍ନୁଚରଣ ପତି ଓ ଶିବ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ଡିଏଲଏସ୍‌ଏର ହସ୍ତକ୍ଷେପ ଅଗ୍ନିବିପନ୍ନ ପରିବାର ପାଇଲେ ସହାୟତା



ବ୍ରହ୍ମପୁର ଅଫିସ୍,୬।୧୧-ଗଞ୍ଜାମ ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲଏସଏ)ର ହସ୍ତକ୍ଷେପ ପରେ ଶେରଗଡ ବ୍ଲକ ତାକରଡା ପଞ୍ଚାୟତ ଭୁଷୁଣ୍ଡା ଗ୍ରାମର ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ବିପନ୍ନ କବି ସ୍ୱାଇଁଙ୍କୁ ପ୍ରଶାସନ ପକ୍ଷରୁ କ୍ଷତିପୂରଣ ସହାୟତା ରାଶି ପ୍ରଦାନ କରାଯାଇଛି। ଅଗ୍ନିକାଣ୍ଡରେ କବିଙ୍କ ଘର ସମ୍ପୂର୍ଣ୍ଣ ପୋଡି ଯାଇଥିଲା । ବିଭିନ୍ନ ଗଣ ମାଧମରେ ଖବର ପ୍ରକାଶିତ ହେବା ପରେ ଜିଲା ଜଜ୍ ତଥା ପ୍ରାଧିକରଣ ଅଧକ୍ଷ ବିଭୁ ପ୍ରସାଦ ରାଉତରାୟଙ୍କ ନିର୍ଦ୍ଦେଶକ୍ରମେ ପ୍ରାଧିକରଣ ସଚିବ ବିଜୟ କୁମାର ଦାସ ଶେରଗଡ ତହସିଲଦାରଙ୍କୁ ଟେଲିଫୋନ ଓ ପତ୍ର ମାଧ୍ୟମରେ ସରକାରୀ ସହାୟତା ଯୋଗାଇଦେବା ନେଇ ଅବଗତ କରାଇଥିଲେ। ପରେ ବିପନ୍ନଙ୍କୁ ତହସିଲଦାରଙ୍କ ପକ୍ଷରୁ ଏସଡିଆରଏଫ୍ ଓ ଏନଡିଆରଏଫ୍ ସହାୟତା ଅନୁଯାୟୀ ପଲିଥିନ୍ ଏବଂ ୩୨ଶହ ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଥିଲା ।

### କନିଷ୍ଠ ଶିକ୍ଷକ ସଂଘର ବୈଠକ

ପାରଳାଖେମୁଣ୍ଡି, ୬।୧୧(ସ୍ୱ.ପ୍ର.): ଗଜପତି ଜିଲା ପାରଳାଖେମୁଣ୍ଡି ସହରସ୍ଥ ଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣରେ କନିଷ୍ଠ ଶିକ୍ଷକ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାର କନିଷ୍ଠ ଶିକ୍ଷୟିତ୍ରୀ ଶିକ୍ଷକମାନେ ଯୋଗଦେଇ ବିଭିନ୍ନ ଦାବି ଓ ସମସ୍ୟା ବିଷୟରେ ଆଲୋଚନା କରିଥିଲେ । ଏମାନେ ସମସ୍ତେ ୨୦୧୨ ମସିହାରେ ଶିକ୍ଷା ସହାୟକ ଭାବେ କାର୍ଯ୍ୟରେ ଯୋଗଦେଇଥିଲେ ଓ ୩ବର୍ଷ ପୂରଣ ପରେ କନିଷ୍ଠ ଶିକ୍ଷୟିତ୍ରୀ ଶିକ୍ଷକ ଭାବେ ପଦୋନ୍ନତି ପାଇଥିଲେ । ଏବେ ସେମାନଙ୍କୁ ରେଗୁଲାର କରାଯିବାକୁ ବୈଠକରେ ଦାବି ଉପସ୍ଥାପନ ହୋଇଛି। ଗଞ୍ଜାମ ଓ ରାୟଗଡ ଜିଲାରେ ରେଗୁଲାର ପ୍ରସ୍ତୁତି ପାଇଁ କାର୍ଯ୍ୟକାଳ ପତ୍ର ଗ୍ରହଣ କରାଯାଇଥିବାବେଳେ ଗଜପତି ଜିଲାରେ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହୋଇଛି। ଏ ନେଇ ଜିଲା ପ୍ରକଳ୍ପ ସଂଯୋଜକଙ୍କୁ ଦାବିପତ୍ର ଦେବା ପାଇଁ ନିଷ୍ପତ୍ତି ନିଆଯାଇଛି।

### କ୍ଷତିଗ୍ରସ୍ତ ଅଞ୍ଚଳ ବୁଲିଲେ ବିଜେଡି ନେତା

ପାରଳାଖେମୁଣ୍ଡି/ଗୋଷାଣି, ୬।୧୧(ସ୍ୱ.ପ୍ର./ଡି.ଏନ.ଏ): ଗୋଷାଣୀ ବ୍ଲକ କେରାଣ୍ଡି ପଞ୍ଚାୟତର ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିଛି ବିଜେଡିର ଏକ ଟିମ୍। ପୂର୍ବତନ ବିଧାୟକ କେ.ନାରାୟଣ ରାଓ, ରାଜ୍ୟ ଯୋଜନା ବୋର୍ଡ ସଭ୍ୟ ରାମଚନ୍ଦ୍ର ପଣ୍ଡା ପ୍ରମୁଖ କେରାଣ୍ଡି ଗ୍ରାମଠାରୁ ରାଟିଣୀ ପର୍ଯ୍ୟନ୍ତ ବୁଲି କ୍ଷତିଗ୍ରସ୍ତ ଘର ଓ ଚାଷଜମିଗୁଡ଼ିକ ଦେଖିବା ସହ ଚାଷୀଙ୍କୁ ଭେଟି ଆଲୋଚନା କରିଥିଲେ । ଏଥିସହ ରାଟିଣୀଠାରୁ କେରାଣ୍ଡି ଗ୍ରାମ ପର୍ଯ୍ୟନ୍ତ ନଦୀକୂଳିଆ ଅଞ୍ଚଳର ଚାଷୀଙ୍କ ସମସ୍ୟା ବିଷୟରେ ବୁଝିଥିଲେ। ବିଜେଡି ରାଜ୍ୟ ସମ୍ପାଦକ ଟି.ଗୋପୀ, ଜିଲା ଯୁବ ବିଜେଡି ସଭାପତି ପି.କ୍ରିଷ୍ଣା ଉପସ୍ଥିତ ଥିଲେ ।

# ରାଜ୍ୟସ୍ତରୀୟ ଭାରୋତ୍ତୋଳନ ପ୍ରତିଯୋଗିତା ୧୭ରୁ

ବ୍ରହ୍ମପୁର ଅଫିସ,୬।୧୧

ଗଞ୍ଜାମ ଜିଲା ଭାରୋତ୍ତୋଳନ ସଂଘ ଆନୁକୂଲ୍ୟରେ ଦୁଇଦିନିଆ ରାଜ୍ୟସ୍ତରୀୟ ଭାରୋତ୍ତୋଳନ ପ୍ରତିଯୋଗିତା ଚଳିତ ମାସ ୧୭ରୁ କବିସୂର୍ଯ୍ୟନଗରରେ ଅନୁଷ୍ଠିତ ହେବ। ସେଠାର କବିସୂର୍ଯ୍ୟ ବଳଦେବ ରଥ ମହାବିଦ୍ୟାଳୟ ଖେଳ ପଡ଼ିଆରେ ଆୟୋଜିତ ପ୍ରତିଯୋଗିତାରେ ୧୭ ଜିଲାରୁ ୨୫୦ ପ୍ରତିଯୋଗୀ ଭାଗ ନେବେ । ଏଥିରେ ଜଣାଶୁଣା କୋଚ୍, ରେଫରି ଓ ମ୍ୟାନେଜରମାନେ ଯୋଗଦେବେ। ପ୍ରତିଯୋଗୀଙ୍କ ରହଣି ସହ ସମସ୍ତ ବ୍ୟବସ୍ଥା ହୋଇଛି। ଏଥିପାଇଁ ଆସିକା ଏମ୍‌ପି ଲଡୁ କିଶୋର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅଭ୍ୟର୍ଥନା କମିଟି ଗଠନ କରାଯାଇଛି । ଜିଲା ଭାରୋତ୍ତୋଳନ ସଂଘ ପକ୍ଷରୁ ଏହି ସୂଚନା ଦିଆଯାଇଛି ।

ସଂଘ ପକ୍ଷରୁ ମଙ୍ଗଳବାର ବ୍ରହ୍ମପୁରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସଭାପତି ତଥା ରାଜ୍ୟ ସଂଘ ଉପସଭାପତି କୁମୁଦ ଚନ୍ଦ୍ର ସାହୁ କହିଛନ୍ତି ପ୍ରତିଯୋଗିତା ଅବସରରେ ଭାରୋତ୍ତୋଳନ କ୍ଷେତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ବରିଷ୍ଠମାନଙ୍କୁ ସମ୍ମାନିତ କରାଯିବ ଏବଂ ଆକର୍ଷଣୀୟ ସ୍ମରଣିକା ପ୍ରକାଶିତ ହେବ । ସୂଚନାଯୋଗ୍ୟ, ଭାରୋତ୍ତୋଳନରେ ଗଞ୍ଜାମ ଜିଲାର ବେଶ ସୁନାମ ରହିଛି। ଜାତୀୟ ଓ ଆନ୍ତର୍ଜାତୀୟ ପ୍ରତିଯୋଗିତାରେ ବିଜୟ ଶତପଥୀ, କେ. ରବି କୁମାର, ଜୟନ୍ତୀ ଦେବୀ ଓ ଅନ୍ୟମାନେ ସୁନାମ ଅର୍ଜନ କରି ଜିଲା ଏବଂ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଏହି ପ୍ରକ୍ରିୟାକୁ ଜାରି ରଖିବା ପାଇଁ ଗଞ୍ଜାମ ଜିଲା ଭାରୋତ୍ତୋଳନ ସଂଘ ଗ୍ରୀଷ୍ମକାଳୀନ, ଶୀତକାଳୀନ ଶିବିର ଆୟୋଜନ କରୁଛି । ଶିକ୍ଷାର୍ଥୀମାନଙ୍କୁ ସମସ୍ତ ସୁବିଧା ଉପଲବ୍ଧ କରାଯାଉଛି । ଇତିମଧ୍ୟରେ ଶତାଧିକ ଯୁବତୀ ଓ ଯୁବକଙ୍କୁ ତାଲିମ ଦେବା ସହ କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ପଦକ୍ଷେପ ନିଆଯାଇଥିବା ସଭାପତି ସାହୁ ସୂଚାଇଥିଲେ ।




ଗଞ୍ଜାମ ଜିଲା ଭାରୋତ୍ତୋଳନ ସଂଘର କର୍ମକର୍ତ୍ତାମାନେ ।

ଖବରଦାତା ସମ୍ମିଳନୀରେ ରାଜ୍ୟ ସଂଗଠନର ସମ୍ପାଦକ ତଥା ଆନ୍ତର୍ଜାତୀୟ ଭାରୋତ୍ତୋଳନ ରେଫରି ନାରାୟଣ ସାହୁ, ଜିଲା ସଂଘ କାର୍ଯ୍ୟକାରୀ ସଭାପତି ସଚ୍ଚିଦାନନ୍ଦ ଦାସ, ସାଧାରଣ ସମ୍ପାଦକ ଗାଗାରିନ ନାୟକ, ଉପଦେଷ୍ଟା ରବି ରଥ, ବରିଷ୍ଠ କୋଚ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ସୀତା ପ୍ରସାଦ ପଟ୍ଟନାୟକ ଓ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରମେଶ ପାଢ଼ୀ, ଯଜ୍ଞ ନାରାୟଣ ନନ୍ଦ, ଭାସ୍କର ମହାନ୍ତି, ଲକ୍ଷ୍ମୀ ନାରାୟଣ ରାଉତ, କେ. କୁରୁମା ରାଓ, କୁରା ଦାସ, ଏସ୍. ରାମାରାଓ ଏବଂ ବିଷ୍ଣୁପ୍ରିୟା ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ମଦଦୋକାନ ସ୍ଥାନାନ୍ତର ନ ହେଲେ ଆନ୍ଦୋଳନ

ଗୋଷାଣି, ୬।୧୧(ଡି.ଏନ.ଏ.)

ଗୋଷାଣି ବ୍ଲକ ଗୁରାଣ୍ଡି ପଞ୍ଚାୟତର ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱରେ ଏକ ମଦ ଦୋକାନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଲୋକେ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ ଆଣିବା ସହ ତୁରନ୍ତ ମଦ ଦୋକାନ ହଟାଇବା ପାଇଁ ଦାବି କରିଛନ୍ତି। ଅଞ୍ଚଳବାସୀ କହିଛନ୍ତି ଯେ, ଗୁରାଣ୍ଡି ଥାନାଠାରୁ ମାତ୍ର ୪ଶହ ମିଟର, ଏକ ଘରୋଇ ସ୍କୁଲଠାରୁ ୨ଶହ ମିଟର ଓ ମନ୍ଦିଠାରୁ ୧୦୦ ମିଟର ଦୂରରେ ରହିଛି। ରାସ୍ତା ପାର୍ଶ୍ୱରେ ଏହି ମଦ ଦୋକାନ ଥିବାରୁ ଦୈନିକ କିଛି ବ୍ୟକ୍ତି ମଦ ପିଇ ଉତ୍ପାତ କରୁଛନ୍ତି। ସେହିପରି ମହିଳାମାନଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ଏହି ରାସ୍ତା ଦେଇ ଯାତାୟାତ କରିବା ନେଇ ମହିଳାମାନେ ସୁରକ୍ଷିତ ମଣୁନାହାନ୍ତି। ସନ୍ଧ୍ୟା ପରେ ମଦ୍ୟପମାନଙ୍କ ଉତ୍ପାତ ବଢୁଛି। ମଦ ପିଇ କାଚ ବୋତଲଗୁଡ଼ିକ ଏଣେତେଣେ ପିଙ୍ଗୁଛନ୍ତି। ତେଣୁ ଗ୍ରାମବାସୀ ଭୟରେ ରହିଛନ୍ତି। ତୁରନ୍ତ ଏଠାରୁ ଉକ୍ତ ମଦ ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି। ପ୍ରଶାସନ ପଦକ୍ଷେପ ନ ହେଲେ ବାଧହୋଇ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ସଞ୍ଜୟ ଜେନା, ରୁକ୍ମା ମାଝି, କୁମାରୀ ଜେନା ଓ କିଶୋର ଜେନା ପ୍ରମୁଖ ଚେତାବନୀ ଦେଇଛନ୍ତି। ଏନେଇ ଅବକାରୀ ଏସ୍‌ଆଇ ପଦ୍ମନାଭ ସାହୁଙ୍କୁ ପଚାରିବାରେ କହିଛନ୍ତି ଯେ, ଆମ ପାଖକୁ କୌଣସି ଲିଖିତ ଅଭିଯୋଗ ଆସିନାହିଁ। ଅଭିଯୋଗ ମିଳିଲେ ଆମେ ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଲବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର



@ ବାବୁନ



@ ଭାଗୀରଥି



@ ବନ୍ଦିତା

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ଭାଜପା କୃଷକ ମୋର୍ଚ୍ଚାର ଜିଲାସ୍ତରୀୟ ବୈଠକ

ପାରଳାଖେମୁଣ୍ଡି, ୬।୧୧(ସ୍ୱ.ପ୍ର.)

ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ସାଇରାମ କଲ୍ୟାଣ ମଣ୍ଡପରେ ଭାଜପା କୃଷକ ମୋର୍ଚ୍ଚାର ଜିଲାସ୍ତରୀୟ କାର୍ଯ୍ୟକର୍ତ୍ତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲା କୃଷକ ମୋର୍ଚ୍ଚା ସଭାପତି ପ୍ରଶାନ୍ତ କୁମାର ପାଳ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ କୃଷକ ମୋର୍ଚ୍ଚା ଓଡ଼ିଶା ପ୍ରଭାରୀ ରାକେଶ ଶର୍ମା ଯୋଗଦେଇ କେନ୍ଦ୍ର ସରକାରଙ୍କ କୃଷକ ବିକାଶ ନୀତି ଓ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ। ଯୋଜନାଗୁଡ଼ିକୁ ତୃଣମୂଳସ୍ତରରେ ପହଞ୍ଚାଇବା ପାଇଁ ସେ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। କୃଷକ ମୋର୍ଚ୍ଚାର ରାଜ୍ୟ ଉପସଭାପତି ପ୍ରଦୀପ କୁମାର ସାହୁ କହିଥିଲେ, ଯୋଜନାଗୁଡ଼ିକୁ ତଳସ୍ତରରେ ପହଞ୍ଚାଇବା ପାଇଁ ହେଲେ ନିଜ ନିଜ ମଧ୍ୟରେ ସମନ୍ୱୟ ରଖିବା ଆବଶ୍ୟକ। ସେହିପରି ସଙ୍ଗଠନର ସ୍ଥିତିକୁ ମଜ୍‌ବୁତ କରିବା ପାଇଁ ଆଗାମୀ ଦିନରେ ଯୁବା କିଷାନ, ମହିଳା କିଷାନ ଓ ସୋସିଆଲ ମିଡିଆ କିଷାନ ପ୍ରଭୃତିର ପରିସୀମା ବଢାଇ ଦଳୀୟ କାର୍ଯ୍ୟ କୌଶଳକୁ ଆଗେଇ ନେବା ଦରକାର ବୋଲି ସେ କହିଥିଲେ। ବୈଠକରେ ଜିଲା କୃଷକ ମୋର୍ଚ୍ଚା ପ୍ରଭାରୀ ସୂର୍ଯ୍ୟନାରାୟଣ ଦାସ, ଜିଲା ସଭାପତି ଜି.ଭେଙ୍କଟ ରାବଣା, ସାଧାରଣ ସମ୍ପାଦକ ଜଗନ୍ନାଥ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସିଦ୍ଧେଶ୍ୱର ମିଶ୍ର ଏବଂ ସ୍ୱଚ୍ଛ ଭାରତ ସଂଯୋଜକ ମହେଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଭା ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି, ୬।୧୧(ସ୍ୱ.ପ୍ର.)

ଗଜପତି ଜିଲାର ଗ୍ରାମାଞ୍ଚଳରେ ସ୍ୱଚ୍ଛତା ନେଇ କାଶୀନଗରସ୍ଥିତ ପ୍ରଭା ଚାଇଲ୍ଡଲାଇନ ପକ୍ଷରୁ ମେଟା କତୁରୁ ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡେଙ୍ଗୁ, ମ୍ୟାଲେରିଆ ଆଦି ଯେପରି ନ ବ୍ୟାପିବ ସେଥିଲାଗି ନିଜ ଘର ଚାରିପାଖ ସଫାସୁତୁରା ରଖିବାକୁ ପରାମର୍ଶ ଦିଆଯାଇଛି। ଜ୍ୱର ହେଲେ ସରକାରୀ ଡାକ୍ତରଖାନାରେ ତୁରନ୍ତ ରକ୍ତ ପରୀକ୍ଷା କରି ଔଷଧ ଖାଇବା ପାଇଁ କୁହାଯାଇଛି। ପ୍ରଭା ଚାଇଲ୍ଡ ଲାଇନ ପକ୍ଷରୁ ମଶାରୀ ଓ ନିମ ତେଲ ବଣ୍ଟାଯାଇଥିଲା । ଗର୍ଭବତୀ ଥିବା ମହିଳାଙ୍କ ପରିବାରଙ୍କୁ ଦୁଇଟି ମଶାରୀ ବଣ୍ଟାଯାଇଥିବାବେଳେ ନିମତେଲ ବ୍ୟବହାର ସମ୍ପର୍କରେ ବୁଝାଇ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ପ୍ରଭା ସମ୍ପାଦକ ଏ.ଆପ୍ପାରାଓ, ଅଙ୍ଗନୱାଡି କର୍ମୀ ରୁବି ନାୟକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବିନୋଦ କୁମାର ସାହୁ, କେ.ମଧୁବାଲା ପରିଚାଳନା କରିଥିଲେ।



ଲୋକଙ୍କୁ ସଚେତନ କରାଯାଉଛି।

## ରେଶମନଗରୀରେ ଶ୍ୟାମାକାଳୀ ପୂଜା

# ଗେଟବଜାର ୭୫ ଫୁଟ ତୋରଣ ମୁଖ୍ୟ ଆକର୍ଷଣ

ବ୍ରହ୍ମପୁର ଅଫିସ,୬।୧୧

ବୁଧବାର ଆଲୋକର ପର୍ବ ଦୀପାବଳି। ଏହି ଅବସରରେ ସହରର ବିଭିନ୍ନ ପୂଜାମଣ୍ଡପରେ ବିଜେ ହୋଇଛନ୍ତି ମା'କାଳୀ। ମଙ୍ଗଳବାର ମଧ୍ୟରାତ୍ରିରୁ ରେଶମ ସହରର ବିଭିନ୍ନ ପୂଜାମଣ୍ଡପରେ ମାଙ୍କ ପୂଜା ଆରମ୍ଭ ହୋଇଯାଇଛି। ଦୀପାବଳିର ଦିନକ ପୂର୍ବରୁ ରେଶମନଗରୀ ବ୍ରହ୍ମପୁର ବେଶ ଉତ୍ସବମୁଖର ହୋଇଉଠିଛି। ଚଳିତ ବର୍ଷ ପ୍ରଥମ ଥର ପାଇଁ ଶିଳ୍ପାଞ୍ଚଳ ସୁବାସ ନଗରରେ ମା' ଶ୍ୟାମାକାଳୀଙ୍କ ପୂଜା ଆୟୋଜିତ ହୋଇଯାଇଛି । ମା'ଙ୍କ ପୂଜା କମିଟି ପକ୍ଷରୁ ଆୟୋଜିତ ମଣ୍ଡପର ମୂର୍ତ୍ତିର ଉଚ୍ଚତା ୧୦ ଫୁଟ ଥିବା ବେଳେ ଏହାର ଆକର୍ଷଣୀୟ ଆଲୋକସଜ୍ଜା, ରାଜମହଲ ତୋରଣ ମୁଖ୍ୟ ଆକର୍ଷଣ ସାଜିଛି । ଅନ୍ୟପକ୍ଷରେ ମଙ୍ଗଳବାରରୁ ଏହି ମଣ୍ଡପରେ ପୂଜା ଆରମ୍ଭ ହୋଇଛି।



ଶିଳ୍ପାଞ୍ଚଳରେ କାଳୀପୂଜା ଅବସରରେ କଳସଯାତ୍ରା ।

ସେହିପରି ଚଳିତ ବର୍ଷ ୫ମ ବର୍ଷରେ ପଦାର୍ପଣ କରିଥିବା ସହରର ସବୁଠୁ ବୃହତ୍ତର ଗେଟବଜାର ମା' ଦକ୍ଷିଣକାଳୀ ପୂଜା କମିଟି ପକ୍ଷରୁ ଆୟୋଜିତ ମଣ୍ଡପରେ ମା'ଙ୍କ ପୂଜା ଆରମ୍ଭ ହୋଇଛି। ଅପରାହ୍ନରେ ମଣ୍ଡପରୁ ଏକ ବିରାଟ ପଟୁଆରରେ ଶତାଧିକ ମହିଳା କଳସଯାତ୍ରାରେ ବାହାରି ଜଳାଶୟରୁ ଜଳ ଆଣି ମଣ୍ଡପରେ ସ୍ଥାପନ କରିଥିଲେ। ଗେଟବଜାର ଗୋକର୍ଣ୍ଣେଶ୍ୱର ମନ୍ଦିର ପାର୍ଶ୍ୱରେ ନିର୍ମିତ ଏହି ପୂଜା ମଣ୍ଡପରେ ୭୫ ଫୁଟ ଉଚ୍ଚ ଓ ୧୦୦ ଫୁଟ ଓସାରର ମାଡ୍ରାସର ରାଜମହଲ ତୋରଣ ଓ ସହରର ସର୍ବାଧିକ ୨୨ ଫୁଟ ଉଚ୍ଚତା ବିଶିଷ୍ଟ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ମଣ୍ଡପର ମୁଖ୍ୟ ଆକର୍ଷଣ ସାଜିଛି । ପ୍ରତିବର୍ଷ ବିଭିନ୍ନ କଳାକୁଞ୍ଜ ମାଧ୍ୟମରେ ସମାଜକୁ ବାର୍ତ୍ତା ଦେଇ ଆସୁଥିବା ଏହି ମଣ୍ଡପରେ ଦଶମହାବିଦ୍ୟା କଳାକୁଞ୍ଜ ଦେଖିବାକୁ ମିଳିଛି । ସେହିପରି ବଡବଜାର ପରିବା ମାର୍କେଟ ଶ୍ୟାମାକାଳୀ ପୂଜା କମିଟି ପକ୍ଷରୁ ସହରର ବହୁ ପୁରାତନ ପେଣ୍ଠଗାଡିଆ ମାର୍କେଟ ପୂଜାମଣ୍ଡପ, ବ୍ୟାଙ୍କ କଲୋନୀ, ମିଲିଟାରୀ ଲାଇନସ୍ଥିତ ବଙ୍ଗାଳୀ ସାହି, ପୁରୁଣା ବସ୍‌ଷ୍ଟାଣ୍ଡ ନିକଟସ୍ଥ ଆଦି ବଙ୍ଗୀୟ ସମିତି ପକ୍ଷରୁ ଆୟୋଜିତ ପୂଜାମଣ୍ଡପ, କୋର୍ଟପେଟା ଛକରେ ମା'ଙ୍କ ପୂଜା ଆରମ୍ଭ ହୋଇଯାଇଛି । ତେବେ ସହରର ବହୁ ପୁରୁଣା ପେଣ୍ଠଗାଡିଆ ପୂଜା ମଣ୍ଡପକୁ ଚଳିତ ବର୍ଷ ୬୧ ବର୍ଷ ପଦାର୍ପଣ କରିଛି । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଏହି ପୂଜା ଅଁଳା ନବମୀ ତଥା ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରତ୍ୟହ ସନ୍ଧ୍ୟାରେ ୧୦୮ ଆଳତି ଅନୁଷ୍ଠିତ ହେବା ସହ ଏହି ଅବସରରେ ଆଖପାଖ ୫ଟି ଗାଁର ଦଳ ଦ୍ୱାରା ୪୮ ପ୍ରହର ନାମ ଯଜ୍ଞର ଆୟୋଜିତ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି ।

## ସଂକ୍ଷେପରେ

### ଭିଡିଓ କନ୍‌ଫରେନ୍ସିଂ ପ୍ରକୋଷ୍ଠ ଲୋକାର୍ପିତ

ଦିଗପହଣ୍ଡି/ପାଟପୁର,୬।୧୧(ଡି.ଏନ.ଏ.)- ସାନଖେମୁଣ୍ଡି ବ୍ଲକ କାର୍ଯ୍ୟାଳୟ ପରିସରରେ ନବନିର୍ମିତ ଭିଡିଓ କନ୍‌ଫରେନ୍ସିଂ ପ୍ରକୋଷ୍ଠକୁ ସୋମବାର ସନ୍ଧ୍ୟାରେ ଉଦ୍‌ଘାଟନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ଜରିଆରେ ଏହାର ଲୋକାର୍ପଣ କରିଥିଲେ। ଆୟୋଜିତ ଉତ୍ସବରେ ସାନଖେମୁଣ୍ଡି ବିଧାୟିକା ନନ୍ଦିନୀ ଦେବୀ, ବିଡିଓ ଶିବ ଶଙ୍କର ମିଶ୍ର, ବ୍ଲକ ଅଧକ୍ଷା ସଙ୍ଗୀତା ବେହେରା, ଉପାଧକ୍ଷ ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ବିଧାୟକ ପ୍ରତିନିଧି ସହଦେବ ପ୍ରଧାନ, ଜିଲା ପରିଷଦ ସଦସ୍ୟ ଶଙ୍କର୍ଷଣ ସ୍ୱାଇଁ, ପି. ମାଧବ ରାଓ, ଗଙ୍ଗାଧର ପ୍ରଧାନଙ୍କ ସମେତ ବହୁ ପଞ୍ଚାୟତ ପ୍ରତିନିଧି ଉପସ୍ଥିତ ଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ଜି. ରବି କୁମାର, ପ୍ରଦୀପ କୁମାର ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମେଧାବୃତ୍ତି, ଭାଷାବୃତ୍ତି ଓ ଶ୍ରେଷ୍ଠ ବିଦ୍ୟାଳୟଗୁଡ଼ିକୁ ପୁରସ୍କୃତ କରିଥିଲେ। ବ୍ଲକ ଶିକ୍ଷାଧିକାରୀ ମୁକୁନ୍ଦ ପ୍ରସାଦ ପାଢ଼ୀଙ୍କ ସମେତ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଏବଂ ଗୋଷ୍ଠୀ ସାଧନ କର୍ମୀବୃନ୍ଦ ଉପସ୍ଥିତ ଥିଲେ।

### ଗ୍ରାମୀଣ ଖାଦ୍ୟ ଭଣ୍ଡାର




ବେଗୁନିଆପଡ଼ା,୬।୧୧(ଡି.ଏନ.ଏ.)-ସଂକଳ୍ପ ଟ୍ରଷ୍ଟ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଗ୍ରାମୀଣ ଖାଦ୍ୟ ଭଣ୍ଡାର ବେଗୁନିଆପଡ଼ା ବ୍ଲକ ଚନ୍ଦନପୁର ପଞ୍ଚାୟତ ମୁଣ୍ଡୁଳାରେ ସୋମବାର ଶୁଭାରମ୍ଭ କରାଯାଇଛି । ଏହାକୁ ଯୁବ ସମାଜସେବୀ ଗୋପବନ୍ଧୁ ସାଧୁ ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ । ଏହି ପଞ୍ଚାୟତର ସମସ୍ତ ରାଶନକାର୍ଡଧାରୀଙ୍କୁ ସୁଲଭ ମୂଲ୍ୟରେ ଉତ୍ତମମାନର ସାମଗ୍ରୀ ଯୋଗାଇ ଦିଆଯିବ ବୋଲି ଡିଲର ଗୋବିନ୍ଦ ପ୍ରଧନ କହିଛନ୍ତି। ବର୍ତ୍ତମାନ ବଜାରରେ ବିଭିନ୍ନ ପ୍ରକାର ଭେଜାଲ ସାମଗ୍ରୀ ଚଢ଼ା ଦରରେ ବିକ୍ରୟ ହେଉଥିବା ବେଳେ ଗ୍ରାମୀଣ ଖାଦ୍ୟ ଭଣ୍ଡାରକୁ ସାଧାରଣ ଲୋକେ ସ୍ୱାଗତ କରିଥିଲେ ।

### ବୁଗୁଡାରେ ଭିଡିଓ କନ୍‌ଫରେନ୍ସିଂ ପ୍ରକୋଷ୍ଠ ଉଦ୍‌ଘାଟିତ

ବୁଗୁଡ଼ା,୬।୧୧(ଡି.ଏନ.ଏ.)- ବୁଗୁଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ସୋମବାର ନୂତନ ଭାବେ ଭିଡିଓ କନଫରେନ୍ସିଂ ପ୍ରକୋଷ୍ଠ ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ ପ୍ରକୋଷ୍ଠକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆନୁଷ୍ଠାନିକ ଭାବେ ଭିଡିଓ କନଫରେନ୍ସିଂ ମାଧମରେ ଉଦ୍‌ଘାଟନ କରିଥିଲେ। ଏହାଦ୍ୱାରା ସିଧାସଳଖ ପଞ୍ଚାୟତ ସମିତିରୁ ବରିଷ୍ଠ ଅଧିକାରୀଙ୍କ ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ ସୁବିଧାରେ ଯୋଗାଯୋଗ ସମ୍ଭବ ହୋଇପାରିବ ବୋଲି କୁହାଯାଇଛି। ଏହି ପ୍ରକୋଷ୍ଠ ଉଦଘାଟନ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ବିଡିଓ କୈଳାସ ଚନ୍ଦ୍ର ନାୟକ, ତହସିଲଦାର ସଂଗ୍ରାମ କେଶରୀ ଜେନା, ଗୋଷ୍ଠୀ ଶିକ୍ଷାଧିକାରୀ ରସାନନ୍ଦ କର, ବ୍ଲକ ଅଧକ୍ଷା ମାମି ସେନାପତି, ଉପାଧକ୍ଷ ଟୁକୁନା ସ୍ୱାଇଁ, ଏବିଇଓ ପ୍ରମୋଦ ଚନ୍ଦ୍ର ସେନାପତି, ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର, ସିଆରସିସି, ପଞ୍ଚାୟତ ପ୍ରତିନିଧି, ଜିଲା ପରିଷଦ ସଭ୍ୟ ରେବତୀ ମୋହନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ବାଇକ୍ ଦୁର୍ଘଟଣାରେ ମାଙ୍କଡ଼ ମୃତ, ଚାଳକ ଗୁରୁତର

ବୁଗୁଡ଼ା,୬।୧୧(ଡି.ଏନ.ଏ.)-ବୁଗୁଡ଼ା ସହର ଉପକଣ୍ଠ ବୁଦ୍ଧଖୋଲ ଛକରୁ ଅନତି ଦୂରରେ ମଙ୍ଗଳବାର ଅପରାହ୍ନରେ ବାଇକ ଦୁର୍ଘଟଣାରେ ଗୋଟିଏ ମାଙ୍କଡ଼ର ମୃତ୍ୟୁ ହୋଇଥିବା ବେଳେ ବାଇକ ଚାଳକ ଗୁରୁତର ହୋଇଛନ୍ତି। ଗୁରୁତର ଜଣକ ହେଲେ ଆସିକା ନିକଟସ୍ଥ ଭାଟିଖାଲିର ବୁଲୁ ପ୍ରଧାନ । ବୁଲୁ ବାଇକ୍‌ରେ ବୁଗୁଡ଼ା ଅଭିମୁଖେ ଆସୁଥିବା ବେଳେ ବୁଦ୍ଧଖୋଲ ଛକର ଅଳ୍ପ ଦୂର ମୁଖ୍ୟ ସଡ଼କରେ ଗୋଟିଏ ମାଙ୍କଡ଼ ହଠାତ୍ ତାଙ୍କ ବାଇକ ଆଗକୁ ଆସିଯିବାରୁ ତାର ମୃତ୍ୟୁ ଘଟିଥିଲା। ବୁଲୁ ମଧ ପଡ଼ିଯାଇ ଗୁରୁତର ହୋଇଥିଲେ । ତାଙ୍କୁ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା । ତେବେ ବୁଲୁଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଆମ୍ବୁଲାନ୍ସରେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଥିଲା ।

## ପ୍ରସ୍ତାବରେ ଅଟକିଛି ବ୍ରହ୍ମପୁର-ଫୁଲବାଣୀ ରେଳ ଲାଇନ୍

# ଭଞ୍ଜନଗରରୁ ଆରମ୍ଭ ହେବ ଆନ୍ଦୋଳନ

ଭଞ୍ଜନଗର,୬।୧୧(ଡି.ଏନ.ଏ.)




ଖରାଂଶୁ ଶେଖର ଦାସ ଖବରଦାତାଙ୍କ ଉତ୍ତର ଦେଉଛନ୍ତି ।

ଦଳମତ ରାଜନୈତିକ ଚିନ୍ତା ଧାରାରୁ ଊର୍ଦ୍ଧ୍ୱରେ ରହି ଦାବି ହାସଲ ପାଇଁ ଚେଷ୍ଟା କଲେ ହିଁ ବ୍ରହ୍ମପୁର ଭାୟା ଭଞ୍ଜନଗର ଫୁଲବାଣୀ ରେଳ ଲାଇନ୍ ହୋଇପାରିବ। ନଚେତ୍ କେହି ଦାବି ଶୁଣିବେ ନାହିଁ। ଦେଶ ସ୍ୱାଧୀନତା ପରଠୁ ଯେଉଁଭଳି ବିନା ରେଳ ଲାଇନ୍‌ରେ ଅଛନ୍ତି, ସେହିଭଳି ହିଁ ରହିଯିବା। ସ୍ୱାଧୀନତା ପରେ ଅନେକ ଥର ଲୋକସଭାରେ ବ୍ରହ୍ମପୁର ଭାୟା ଫୁଲବାଣୀ ରେଢାଖୋଲ ରେଳଲାଇନ ପାଇଁ ଦାବି ଉଠିଛି। କିନ୍ତୁ କେନ୍ଦ୍ରରେ ସରକାର ପରେ ସରକାର ବଦଳିବାରେ ଲାଗିଛି ହେଲେ ରେଳ ଲାଇନ ଅଗ୍ରଗତି ହେବାକୁ ନାହିଁ, କେବଳ ପ୍ରସ୍ତାବରେ ଅଟକିଯାଇଛି। ଏହି ରେଳ ଲାଇନ ହେଲେ ଅଞ୍ଚଳର ଲୋକଙ୍କ ଆର୍ଥିକ ଓ ସାମାଜିକ ବିକାଶ ହୋଇପାରିବ। ଏଥିପ୍ରତି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ପଡିବ। ନଚେତ ଆଗାମୀ ଦିନରେ ସାଧାରଣ ଜନତାଙ୍କୁ ନେଇ ଆନ୍ଦୋଳନ କରାଯିବ। ଏହି ଆନ୍ଦୋଳନ ଭଞ୍ଜନଗରରୁ ହିଁ ସାଧାରଣ ଜନତାଙ୍କୁ ନେଇ ଆରମ୍ଭ ହେବ। ଏନେଇ ମଙ୍ଗଳବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବରିଷ୍ଠ ଆଇନଜିବୀ ଖରାଂଶୁ ଶେଖର ଦାସ ସୂଚନା ଦେଇଛନ୍ତି। ଆଇନଜିବୀ ଡ. ସୁଶାନ୍ତ ତ୍ରିପାଠୀ କହିଥିଲେ, ୨୦୧୭ରୁ ଆରମ୍ଭ କରି ୨୦୨୩ ସୁଦ୍ଧା ବ୍ରହ୍ମପୁର ରେଢାଖୋଲ ରେଳ ଲାଇନ କାମ ସାରିବା ଯୋଜନା ହୋଇଥିଲା। ୨୪୦ କି.ମି. ରେଳ ଲାଇନ ପାଇଁ ପ୍ରାୟ ୫ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ। କିନ୍ତୁ ଏବାବଦରେ କୈାଣସି ଅଗ୍ରଗତି ହେବାକୁ ନାହିଁ। ନୀତି ଆୟୋଗ ଯେଉଁ ଜିଲାରେ ରେଳ ଲାଇନ ନାହିଁ ସେଠି ଅଗ୍ରାଧିକାର ଭିତ୍ତିରେ ରେଳ ଲାଇନ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେଇଛି। ସେହିଭଳି ରାଜ୍ୟ ସରକାର ମଧ ଉକ୍ତ ପ୍ରକଳ୍ପକୁ ଜାତୀୟ ପ୍ରକଳ୍ପ ମାନ୍ୟତା ଦେଇ କାମ କରିବାକୁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି। କିନ୍ତୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ସମନ୍ୱୟ ଅଭାବ ଯୋଗୁ ପ୍ରକଳ୍ପ ଅନୁମୋଦନ ହୋଇପାରୁନାହିଁ। ନଭେମ୍ବର ୧୫ ସୁଧା କେନ୍ଦ୍ରୀୟ ବଜେଟ ପାଇଁ ବିଭିନ୍ନ ପ୍ରସ୍ତାବ ଦିଆଯିବ। ତେଣୁ ରାଜ୍ୟ ସରକାର ଉକ୍ତ ପ୍ରକଳ୍ପ ପାଇଁ କିଛି ପ୍ରସ୍ତାବ ଦେବାକୁ ତ୍ରିପାଠୀ ଦାବି କରିଥିଲେ। ଏଥିସହ ବାର ଆସୋସିଏଶନ ସଭାପତି ପ୍ରଦ୍ୟୁମ୍ନ ନାୟକ, ଆଇନଜୀବୀ ଶଙ୍କର ନାରାୟଣ ପାତ୍ର ଖବରଦାତାଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଖବରଦାତା ସମ୍ମିଳନୀରେ ଆଇନଜିବୀ ଜ୍ଞାନେନ୍ଦ୍ର ନାୟକ, ସମିର ନାୟକ,ଆଶିଷ ପ୍ରଧାନ, ସୁଧିର ଦାସ,ପ୍ରମୋଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ସାପ କାମୁଡ଼ାରେ ମୃତକଙ୍କ ପରିବାରକୁ ସହାୟତା

ବୁଗୁଡ଼ା,୬।୧୧(ଡି.ଏନ.ଏ.)

ବୁଗୁଡ଼ା ତହସିଲ ବାଦୁଆ ଗ୍ରାମର ସାପ କାମୁଡ଼ାରେ ମୃତକଙ୍କ ପରିବାରକୁ ମଙ୍ଗଳବାର ତହସିଲ କାର୍ଯ୍ୟାଳୟରେ ୪ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ବିଧାୟକ ଶ୍ରୀକାନ୍ତ ସାହୁ ତହସିଲ କାର୍ଯ୍ୟାଳୟରେ ଉପସ୍ଥିତ ରହି ସାପ କାମୁଡ଼ାରେ ମୃତ୍ୟୁବରଣ କରିଥିବା ବାଦୁଆ ଗ୍ରାମର ନିଲୁ କୁମାରୀ ସାହୁଙ୍କ ପରିବାରକୁ ରାଜ୍ୟ ସରକାରଙ୍କ ତରଫରୁ ମଞ୍ଜୁର ହୋଇଥିବା ୪ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଏହି ଚେକ୍‌କୁ ମୃତ ନିଲୁଙ୍କ ସ୍ୱାମୀ ସୁଶାନ୍ତ କୁମାର ସାହୁ ଗ୍ରହଣ କରିଥିଲେ। ଚେକ୍ ପ୍ରଦାନରେ ତହସିଲଦାର ସଂଗ୍ରାମ କେଶରୀ ଜେନା, ବ୍ଲକ ଅଧକ୍ଷା ପ୍ରତିନିଧି ବରୁଣ ସେନାପତି, ଏନ୍‌ଏସିର ପୂର୍ବତନ ଉପନଗରପାଳ ଚିତ୍ରସେନ ପ୍ରଧାନ, ନଗର ବିଜେଡି ସଭାପତି ରାଜେନ୍ଦ୍ର ପାଢ଼ୀଙ୍କ ସମେତ ତହସିଲର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ବୁଗୁଡ଼ା ତହସିଲ ବାଦୁଆ ଗ୍ରାମରେ ୧ ଅକ୍ଟୋବର ୨୦୧୭ରେ ସୁଶାନ୍ତଙ୍କ ସ୍ତ୍ରୀ ନିଲୁ କୁମାରୀଙ୍କୁ ସାପ କାମୁଡ଼ିବା ଫଳରେ ତାଙ୍କର ମୃତ୍ୟୁ ହୋଇଥିଲା।

## ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ସହାୟତା

ହିଞ୍ଜିଳିକାଟୁ,୬।୧୧(ଡ଼ି.ଏନ୍.ଏ)



୨ଲକ୍ଷ ଟଙ୍କାର ସହାୟତା ବଂଶୀଧରଙ୍କୁ ପ୍ରଦାନ କରାଯାଉଛି।

ହିଞ୍ଜିଳିକାଟୁ ଜଗନ୍ନାଥମାର୍ଗର ଜଣେ ଏମ୍‌ସିଏ ଛାତ୍ରୀ ଇନ୍ଦିରାଙ୍କ ରେଳ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ସୋମବାର ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଉକ୍ତ ପରିବାରକୁ ୨ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଇଛି। ମୃତକଙ୍କ ବାପା ବଂଶୀଧର ସାହୁଙ୍କୁ ହିଞ୍ଜିଳିକାଟୁ ବିଡିଓ ପ୍ରସନ୍ନ କୁମାର ପାତ୍ର, ତହସିଲଦାର ଗୋପୀନାଥ କୁଅଁର, ଆଇଆଇସି ପ୍ରଶାନ୍ତ କୁମାର ସାହୁ, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶୋକ କୁମାର ପଣ୍ଡା, ବିଜେଡି ସଭାପତି ଭୀମସେନ ବେହେରା ଓ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ସଞ୍ଜୟ କୁମାର ପଣ୍ଡା ପ୍ରମୁଖଙ୍କ ଉପସ୍ଥିତିରେ ୨ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ସେପ୍ଟମ୍ବର ୯ରେ ରାୟପୁରରୁ ବଂଶୀଧରଙ୍କ ୨ଝିଅ ଇନ୍ଦିରା ଓ ଇତିଶ୍ରୀ ରେଳରେ ବ୍ରହ୍ମପୁର ଆସୁଥିଲେ। ଖରିଆର ରୋଡ଼ରେ ଇନ୍ଦିରା ପାଣି ପାଇଁ ଟ୍ରେନରୁ ପ୍ଲାଟଫର୍ମରେ ଓହ୍ଲାଇଥିଲେ। ତେବେ ଟ୍ରେନ ଷ୍ଟେସନ ଛାଡ଼ି ଦେବାରୁ ସେ ଟ୍ରେନକୁ ଉଠିବା ବେଳେ ଖସି ପଡ଼ିବାରୁ ଇନ୍ଦିରାଙ୍କ ମୃତ୍ୟୁ ହୋଇଥିଲା। ଇନ୍ଦିରା ଏମସିଏ ପାଠ ପଢ଼ିଥିଲେ । ବଂଶୀଧରଙ୍କ ପାରବାରିକ ସ୍ଥିତିକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଗୋଚର ପରେ ସେ ରିଲିଫ ପାଣ୍ଠିରୁ ୨ଲକ୍ଷ ଟଙ୍କା ସହାୟତା ଘୋଷଣା କରିଥିଲେ।

## ବିଇଓଙ୍କ କାର୍ଯ୍ୟାଳୟରେ କର୍ମଚାରୀଙ୍କ ହୋହଲ୍ଲା

ଗଞ୍ଜାମ,୬।୧୧(ଡି.ଏନ.ଏ.)

ଭାରତୀ ବିଦ୍ୟାପୀଠ ପରିସରରେ ଥିବା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ କୌଣସି କାରଣକୁ ନେଇ ମଙ୍ଗଳବାର କର୍ମଚାରୀଙ୍କ ମଧ୍ୟରେ ପାଟିତୁଣ୍ଡ ପରେ ଧସ୍ତାଧସ୍ତି ହୋଇଥିବା ନେଇ ସହରରେ ଚର୍ଚ୍ଚା ଜୋର ଧରିଛି । ଏ ସମ୍ପର୍କରେ ବିଇଓ ସୁବାସ ଚନ୍ଦ୍ର ଘଡ଼େଇ ଗଞ୍ଜାମ ଥାନାରେ ଜଣେ ଏବିଇଓଙ୍କ ନାମରେ ଲିଖିତ ଅଭିଯୋଗ କରିବାକୁ ଯାଇଥିବା ଜଣାପଡ଼ିଛି। କିନ୍ତୁ ଥାନା ପକ୍ଷରୁ କୌଣସି ମାମଲା ରୁଜୁ କରାଯାଇ ନ ଥିବା ସୂଚନା ମିଳିଛି । ଥାନାଧିକାରୀ ଅନୀଲ କୁମାର ମାହାନ୍ତିଙ୍କ ସହ ଯୋଗାଯୋଗ କରିବାରେ ବିଇଓ ଥାନାକୁ ଅଭିଯୋଗ କରିବା ପାଇଁ ଆସିଥିବା ସ୍ୱୀକାର କରିଛନ୍ତି । ଏନେଇ ବିଇଓ ଘଡ଼େଇ ଏବଂ ଏବିଇଓ ତ୍ରିଲୋଚନ ତ୍ରିପାଠୀଙ୍କୁ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ ।

## ପୋଡ଼ି ହୋଇ ଦମ୍ପତି ଗୁରୁତର

ହିଞ୍ଜିଳିକାଟୁ,୬।୧୧(ଡି.ଏନ୍.ଏ.)

ହିଞ୍ଜିଳିକାଟୁ ଥାନା ଆଡପଡ଼ା ଗ୍ରାମରେ ମଙ୍ଗଳବାର ପୋଡି ହୋଇ ଜନୈକ ଦମ୍ପତି ଗୁରୁତର ହୋଇଛନ୍ତି। ସେମାନେ ହେଲେ ଶିବରାମ ପ୍ରଧାନ(୨୬) ଓ ସ୍ତ୍ରୀ ରିଙ୍କି ପ୍ରଧାନ(୨୦)। ରୋଷେଇ ବେଳେ କିରୋସିନି ଷ୍ଟୋଭ ଫାଟି ଦୁର୍ଘଟଣା ଘଟିଥିବା ଓ ରିଙ୍କିକୁ ବଞ୍ଚାଇବାକୁ ଯାଇ ଶିବରାମ ମଧ୍ୟ ନିଆଁରେ ପୋଡ଼ି ଗୁରୁତର ଆହତ ହୋଇଥିବା ପରିବାର ଲୋକେ ପୋଲିସକୁ କହିଛନ୍ତି। ପ୍ରକାଶ ଯେ, ବର୍ଷେ ତଳେ ଉଭୟଙ୍କ ବିବାହ ହୋଇଥିଲା। ପୋଲିସ ଘଟଣାର ତଦନ୍ତ ଚଳାଇଛି।

## ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ କାର୍ଡ ବଣ୍ଟନ



ବିଧାୟିକା ହିତାଧିକାରୀଙ୍କୁ ରାଶନ କାର୍ଡ ପ୍ରଦାନ କରୁଛନ୍ତି।

ଧରାକୋଟ,୬।୧୧(ଡି.ଏନ୍.ଏ.)

ଧରାକୋଟ ବ୍ଲକର ୧୮ଟି ପଞ୍ଚାୟତର ୨ ହଜାର ୬୭୦ଜଣ ହିତାଧିକାରୀଙ୍କୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟ ପରିସରରେ ରାଶନ କାର୍ଡ ବଣ୍ଟାଯାଇଛି। ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟ ଅତିଥି ରୂପେ ସାନଖେମୁଣ୍ଡି ବିଧାୟିକା ନନ୍ଦିନୀ ଦେବୀ ଯୋଗଦେଇଥିଲେ। ବ୍ଲକ ଅଧକ୍ଷା ରୀନା ଗୌଡ଼, ଉପାଧକ୍ଷ ଭଗବାନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଯୋଗାଣ ନିରୀକ୍ଷକ ସନ୍ତୋଷ କୁମାର ଦାସ କାର୍ଯ୍ୟକ୍ରମ ସମ୍ପର୍କରେ ବକ୍ତବ୍ୟ ରଖି ପ୍ରତି ପରିବାରର ସଦସ୍ୟଙ୍କୁ ମୁଣ୍ଡପିଛା ୫ କେଜି ଚାଉଳ ମାସିକ ପ୍ରଦାନ କରାଯିବ ବୋଲି କହିଥିଲେ। ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହିତାଧିକାରୀ ଯେପରି ସୁଚାରୁ ରୂପେ ଖାଦ୍ୟ ଶସ୍ୟ ପାଇବେ ସେ ଉପରେ ବିଧାୟକ ଗୁରୁତ୍ୱ ପ୍ରଦାନ କରିଥିଲେ। ପୂର୍ବତନ ସରପଞ୍ଚ ଦିଲୀପ କୁମାର ସ୍ୱାଇଁ କାର୍ଯ୍ୟକ୍ରମରେ ଉପସ୍ଥିତରହି ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ମତବ୍ୟକ୍ତ କରିଥିଲେ।

## ମା’ ମହୁରୀକାଳୁଆ ଯାତ୍ରା ପ୍ରସ୍ତୁତି ବୈଠକ

ହିଞ୍ଜିଳିକାଟୁ,୬।୧୧(ଡି.ଏନ୍.ଏ.)

ହିଞ୍ଜିଳିକାଟୁ ପୌରାଞ୍ଚଳ ଆଙ୍କୋରଡାରେ ଆସନ୍ତା ୧୨ରେ ହେବାକୁ ଥିବା ମା’ମହୁରୀକାଳୁଆଙ୍କ ଯାତ୍ରା ସକାଶେ ଏକ ପ୍ରାକ୍ ପ୍ରସ୍ତୁତି ବୈଠକ ମଙ୍ଗଳବାର ପୌରପରିଷଦ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଯାତ୍ରାବେଳେ ଆଇନଶୃଙ୍ଖଳା ପରିସ୍ଥିତି, ପାନୀୟ ଜଳ ଯୋଗାଣ, ବିଦ୍ୟୁତ ଯୋଗାଣ, ପରିମଳ ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା ଆଦି ନେଇ ଆଲୋଚନା କରାଯାଇଥିଲା। ଯାତ୍ରା ପରିଚାଳନା କମିଟି ସଭାପତି ତଥା ପୂର୍ବତନ ଉପାଧ୍ୟକ୍ଷ ସୁବାସ ଚନ୍ଦ୍ର ପୋଲାଇ, ଅଗ୍ନିଶମ ବାହିନୀ ଭାରପ୍ରାପ୍ତ ଅଧିକାରୀ ଲବ ନାଇକ, ହେଲଥ୍ ସୁପରଭାଇଜର ଅଶୋକ କୁମାର ମିଶ୍ର, ବିଦ୍ୟୁତ୍ ବିଭାଗୀୟ ସହକାରୀ ଯନ୍ତ୍ରୀ ସରୋଜ କୁମାର ମିଶ୍ର, ଯାତ୍ରା କମିଟିର ଯୁଧିଷ୍ଠିର ସ୍ୱାଇଁ, ନୀଳମଣି ପଟ୍ଟନାୟକ, ପ୍ରଫୁଲ୍ଲ ପଟ୍ଟନାୟକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ସୋମବାର ସନ୍ଧ୍ୟାରେ ଯାତ୍ରା ପାଇଁ ଗ୍ରାମରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଆସନ୍ତା ୧୨ରୁ ଯାତ୍ରା ଆରମ୍ଭ ହୋଇ ୧୯ରେ ସମାପନ ହେବ।

## ରାଶନକାର୍ଡ ପ୍ରଦାନ ଦାବିରେ ଗ୍ରାମବାସୀଙ୍କ ଧାରଣା

ଦିଗପହଣ୍ଡି/ପାଟପୁର, ୬।୧୧(ଡି.ଏନ.ଏ.)

ସାନଖେମୁଣ୍ଡି ବ୍ଲକ ଖଳିଙ୍ଗୀ ପଞ୍ଚାୟତ ହଂସରାଳୀ ଓ ଗୁଣସାଗର ଗ୍ରାମର ବହୁ ସଂଖ୍ୟକ ଗ୍ରାମବାସୀ ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣାରେ ବସି ରହିଥିଲେ । ଖାଦ୍ୟ ସୁରକ୍ଷା ଯୋଜନାରେ ଚଞ୍ଚକତା କରାଯାଇଥିବା ପ୍ରତିବାଦ କରିଥିଲେ । ଯୋଜନାରୁ ବାଦ ପଡ଼ିଥିବା ପ୍ରକୃତ ହିତାଧିକାରୀଙ୍କୁ ରାଶନକାର୍ଡ ପ୍ରଦାନ ପାଇଁ ଗ୍ରାମବାସୀ ବିଡିଓ ଶିବ ଶଙ୍କର ମିଶ୍ରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଖୁବଶୀଘ୍ର ପୁନଃ ସେର୍ଭ କରାଯାଇ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ରାଶନକାର୍ଡ ଯୋଗାଇ ଦିଆଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ହଂସରାଳି ଗ୍ରାମର ଅଜୟ ମହାନ୍ତି, ସଞ୍ଜୟ ମହାନ୍ତି, ପୁରୁଷୋତ୍ତମ ଜେନା, ଗୁଣସାଗର ଗ୍ରାମର ମହେଶ୍ୱର ଜେନା ପ୍ରମୁଖଙ୍କ ନେତୃତ୍ୱରେ ଆନ୍ଦେଳନ କରାଯାଇଥିଲା ।

## ମହିଳା ହତ୍ୟା ଘଟଣାର ପର୍ଦ୍ଦାଫାଶ୍: ୩ ଗିରଫ

ଠାକୁରମୁଣ୍ଡା,୦୬।୧୧(ଡି.ଏନ.ଏ)

ଠାକୁରମୁଣ୍ଡା ଥାନା ଅନ୍ତର୍ଗତ କାଳିଆଜିଆଣୀ ଗ୍ରାମରେ ଗତ ୨ତାରିଖ ରାତିରେ ଜଣେ ମହିଳାଙ୍କ ହତ୍ୟା ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରିଛି । ମୃତା ମହିଳା ରାନ୍ଦାଏ ସାମାଡଙ୍କ ଭାଇଙ୍କ ଅଭିଯୋଗ କ୍ରମେ ପୋଲିସ ଘଟଣାର ତଦନ୍ତ ଜାରୀ ରଖି ୪ଦିନ ପରେ ଏହାର ପର୍ଦ୍ଦାଫାଶ କରିଛି। ଡାହାଣୀ ସନ୍ଦେହରେ ରାନ୍ଦାଏଙ୍କୁ ହତ୍ୟା କରାଯାଇଥିବା ବେଳେ ପୋଲିସ ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କାଳିଆଜିଆଣୀ ଗ୍ରାମର ବେଙ୍ଗଲ ସଏ ଓ ତାଙ୍କ ୨ ସହଯୋଗୀ ଗୁରା ସାମାଡ ଓ ରାନ୍ଦ ମହାକୁଡ। ପୋଲିସ ସୂତ୍ରରୁ ପ୍ରକାଶ, ବେଙ୍ଗଲଙ୍କୁ କିଛି ଦିନ ପୂର୍ବରୁ ଜ୍ୱର ହୋଇଥିବା ବେଳେ ସେ ପାଖ ଗ୍ରାମର ଜଣେ ଗୁଣିଆଙ୍କ ପାଖକୁ ଯାଇଥିଲେ। ଘରେ ପୂଜାର୍ଚ୍ଚନା ପରେ ମଧ ଜ୍ୱର ନ ଛାଡିବାରୁ ସାଇବା ସାମାଡଙ୍କ ଝିଅ ରାନ୍ଦାଏ ଡାହାଣୀ ହୋଇ ଲାଗିଥିବାରୁ ଜ୍ୱର ଛାଡୁ ନ ଥିବା ସେ ସନ୍ଦେହ କରିଥିଲେ। ଏହାପରେ ନିଜ ସହଯୋଗୀଙ୍କ ସହ ତାଙ୍କୁ ହତ୍ୟା ଲାଗି ଯୋଜନା ପ୍ରସ୍ତୁତ କରିଥିଲେ। ଗତ ୨ତାରିଖ ରାତିରେ ନିଜ ଘର ସମ୍ମୁଖରେ ରାନ୍ଦାଏ ନିଆଁ ଜାଳି ଏକୁଟିଆ ବସିଥିବା ଦେଖି ବେଙ୍ଗଲ ମାରଣାସ୍ତ୍ର ସାହାଯ୍ୟରେ ତାଙ୍କ ବେକକୁ ଚୋଟ ମାରିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା। ଏଥିରେ ଗ୍ରାମର ଗୁରା ସାମାଡ ଓ ରାନ୍ଦ ମହାକୁଡ ତାକୁ ସହଯୋଗ କରିଥିଲେ ।



ଗିରଫ ଅଭିଯୁକ୍ତମାନେ।

## ନାବାଳିକା ଗଣବଳାତ୍କାର ମାମଲା

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଏବିଭିପିର ବିକ୍ଷୋଭ

ପୋଲସରା,୬।୧୧(ଡି.ଏନ.ଏ.)




ଏବିଭିପି ପକ୍ଷରୁ ଶୋଭାଯାତ୍ରା।

ପୋଲସରା ଥାନା ଅଞ୍ଚଳରେ ଘଟିଥିବା ନାବାଳିକା ଗଣବଳାତ୍କାର ଘଟଣାକୁ ୬ ଦିନ ବିତିଛି। ବର୍ତ୍ତମାନ ସୁଦ୍ଧା ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନ ଥିବା ପ୍ରତିବାଦରେ ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏବିଭିପିର କର୍ମକର୍ତ୍ତା ତଥା ସଦସ୍ୟମାନେ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ପୋଲସରା ବିଜ୍ଞାନ ମହାବିଦ୍ୟାଳୟରୁ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିଥିଲେ। ଶିଶୁ ସୁରକ୍ଷା ଓ ଯୌନ ଶୋଷଣ ରୋକିବା ନେଇ ଜନ ସଚେତନତା ସୃଷ୍ଟି କରିବା ସହ ବଳାତ୍କାରୀଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ। ଏନେଇ ଏକ ୫ ଦଫା ସମ୍ବଳିତ ଦାବିପତ୍ର ପୋଲସରା ଥାନାଧିକାରୀଙ୍କ ଜରିଆରେ ପୋଲିସ ମହାନିର୍ଦ୍ଦେଶକ, ଦକ୍ଷିଣାଞ୍ଚଳ ଡିଆଇଜି ଓ ଗଞ୍ଜାମ ଏସ୍‌ପିଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ। ସମ୍ପୃକ୍ତ ହିତାଧିକାରୀଙ୍କୁ ତୁରନ୍ତ ଗିରଫ କରିବା ସହ ମୃତ୍ୟୁଦଣ୍ଡ ଦେବା, ପୀଡ଼ିତାଙ୍କ ପରିବାରକୁ ସୁରକ୍ଷା ପ୍ରଦାନ, ରାଜନୈତିକ ଚାପର ବଶବର୍ତ୍ତୀ ନ ହୋଇ ପୋଲିସ ନିରପେକ୍ଷ ତଦନ୍ତ କରି ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ କରିବା, ତାଙ୍କ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବା, ଆର୍ଥିକ ସହାୟତା ପ୍ରଦାନ କରିବା ପ୍ରମୁଖ ଦାବି ରହିଛି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରା ନ ଗଲେ ସମସ୍ତ କଲେଜ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ସଂଘ ଚେତାବନୀ ଦେଇଛି।

ଉକ୍ତ ବିକ୍ଷୋଭରେ ଏବିଭିପିର ଗଞ୍ଜାମ ଜିଲା ସଂଯୋଜକ କେ. ରମେଶ ଦୋରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ସାହୁ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ବରୁଣ ଜେନା, ଆକାଶ କୁମାର ମଲିକ, ଆଲୋକ ରଞ୍ଜନ ସାହୁ, ରଞ୍ଜିତ ପ୍ରଧାନଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଏହି ଘଟଣାରେ ବର୍ତ୍ତମାନ ସୁଦ୍ଧା କୌଣସି ଅପରାଧୀଙ୍କୁ ଚିହ୍ନଟ କରାଯାଇ ନ ଥିବା ଜଣାପଡିଛି।

